

ଜାଣିବାର ଅଧିକାର ଆପଣଙ୍କର, ଜଣାଇବା ଦାୟିତ୍ୱ ଆମର

# ଯୁବମୋର୍ଚ୍ଚା

R.N.I. No. : ODIODI/2009/29612

www.jubamorcha.in

JUBA MORCHA



| Vol. -14 | Issue No.39 | Weekly | July 3 to 9, 2023, | Monday | Bhubaneswar | Page - 8, | Rs. 2.00 |
|---|---|---|---|---|---|---|---|
| ବର୍ଷ- ୧୪ | ସଂଖ୍ୟା- ୩୯ | ସାପ୍ତାହିକ | ଜୁଲାଇ ୩ ରୁ ୯, ୨୦୨୩, | ସୋମବାର | ଭୁବନେଶ୍ୱର | ପୃଷ୍ଠା-୮, | ମୂଲ୍ୟ-୨ ଟଙ୍କା |




ନୀଳ କନ୍ଦରକୁ ବିଜେ କରୁଛନ୍ତି ନିଳାଦ୍ରୀ ବିହାରୀ


DADLS-18



ପବିତ୍ର ଇଦ୍-ଉଜ୍-ଜୁହା ଉପଲକ୍ଷେ ବାର୍ତ୍ତା

ପବିତ୍ର ଇଦ୍-ଉଜ୍-ଜୁହା ଅବସରରେ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ସେବା ଓ ସମର୍ପଣର ଏହି ପର୍ବରେ ସମସ୍ତେ ସାମିଲ ହୋଇ ଓଡ଼ିଶାର ନିରନ୍ତର ବିକାଶ ପାଇଁ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବାକୁ ଅନୁରୋଧ କରୁଛି ।

(ପ୍ରଦିପ କୁମାର ଅମାତ)

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

OIPR- 15001/13/0066/2324



DADLS-18

ପବିତ୍ର ଇଦ୍-ଉଜ୍-ଜୁହା-୨୦୨୩ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା ।



ପବିତ୍ର ଇଦ୍-ଉଜ୍-ଜୁହା-୨୦୨୩ ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ସେବା, ସମର୍ପଣ, ତ୍ୟାଗ ଓ ତିତିକ୍ଷାର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ଉତ୍ସର୍ଗୀକୃତଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ଗଣେଶୀ ଲାଲ)

OIPR- 15001/13/0066/2324



ପବିତ୍ର ଇଦ୍-ଉଜ୍-ଜୁହା ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



ପବିତ୍ର ଇଦ୍-ଉଜ୍-ଜୁହା ପର୍ବ ଉପଲକ୍ଷେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

ମୁଖ୍ୟମନ୍ତ୍ରୀ, ଓଡ଼ିଶା

DADLS-18 OIPR- 15001/13/0066/2324



## ସମ୍ପାଦକୀୟ

ଜୁଲାଇ ୩ ରୁ ୯, ୨୦୨୩, ଭୁବନେଶ୍ୱର

# ଅବ୍ୟାପାରରେ ବ୍ୟାପାର

କିଛି ଦିନ ହେବ ୫-ଟି ସଚିବ, ଭି.କେ. ପାଣ୍ଡିଆନଙ୍କ ବିଭିନ୍ନ ଜିଲ୍ଲାକୁ ଉନ୍ନୟନମୂଳକ ଯୋଜନା ନେଇ ଘନଘନ ଗସ୍ତ ବିରୋଧୀଙ୍କୁ ଭାରି କଷ୍ଟ ହେଉଛି । ଏହାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ବ୍ୟାପକ ଭାବରେ ଚର୍ଚ୍ଚାର ବିଷୟ ହୋଇଛି । ବିରୋଧୀମାନେ ଦାବି କରିଥିଲେ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଓଡ଼ିଶା ଭୋଟର ବିପୁଳ ସମର୍ଥନ ପ୍ରଦାନ କରି ନିର୍ବାଚିତ କରିଥିଲେ । ମୁଖ୍ୟମନ୍ତ୍ରୀ ଅପରପକ୍ଷରେ ନିଜେ ଦାୟିତ୍ୱ ତୁଲାଇବା ପରିବର୍ତ୍ତେ ଅସାମ୍ବିଧାନିକ ଭାବରେ କ୍ଷମତା ୫-ଟି ସଚିବଙ୍କୁ ହସ୍ତାନ୍ତର କରିଛନ୍ତି । ଏହା ସଂପୂର୍ଣ୍ଣ ଅଗଣତାନ୍ତ୍ରିକ ଏବଂ ଗ୍ରହଣୀୟ ନୁହେଁ । ମୁଖ୍ୟମନ୍ତ୍ରୀ ଏ ନେଇ ଜାବବ ସ୍ପଷ୍ଟ କରନ୍ତୁ ବୋଲି ଦାବି ଉଠିବା ପରେ ଏକ ଅଡିଓ ଟେପ୍ ମାଧ୍ୟମରେ ଏହାର ଜବାବ ଦିଆଯାଇଥିଲା । ମୁଖ୍ୟମନ୍ତ୍ରୀ କହିଥିଲେ ସେ ୫ଟି ସଚିବଙ୍କୁ ପଠାଇଛନ୍ତି । ଏହା ବାର୍ତ୍ତା ପରେ ମଧ୍ୟ ଚୁପ୍ ହେଲେ ନାହିଁ । ଅଡିଓ ଟେପ୍‌ରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱର ଉପରେ ସନ୍ଦେହ ସୃଷ୍ଟି କରିବାକୁ ଉଦ୍ୟମ କଲେ ବିରୋଧୀ ଦଳ । ନବୀନ ସରକାରରେ ମନ୍ତ୍ରୀ ଓ ବିଧାୟକମାନଙ୍କର କିଛି ଭୂମିକା ନାହିଁ । ସମସ୍ତ କ୍ଷମତା ୫-ଟି ସଚିବଙ୍କ ହାତରେ ରହିଛି । ଏପରିକି ବିଜେଡ଼ି ଦଳକୁ ମଧ୍ୟ ନବୀନଙ୍କ ପରିବର୍ତ୍ତେ ୫-ଟି ସଚିବ ପରିଚାଳନା କରୁଛନ୍ତି ବୋଲି ଅଭିଯୋଗ କଲେ । ଜଣେ କେନ୍ଦ୍ରମନ୍ତ୍ରୀ ଢେଙ୍କାନାଳରେ ଏକ ଜନସଭାକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀଙ୍କ ଉପରେ ବିଷୋଦ୍‌ଗାର କଲେ । ସେ କହିଲେ, ମୁଖ୍ୟମନ୍ତ୍ରୀ କେବେହେଲେ ଯୋରନ୍ଦାର ମହିମା ଗାଦିକୁ ଆସି ନାହାଁନ୍ତି । ଅନ୍ୟପକ୍ଷରେ ୫-ଟି ସଚିବ ମହିମା ପୀଠ ଗସ୍ତ କରି ବିପୁଳ ଅର୍ଥ ବ୍ୟୟରେ ଏହାର ବିକାଶ କରାଯିବ ବୋଲି ଆୟୋଜିତ ସଭାରେ ବାହାସ୍ଫୋଟ ମାରୁଛନ୍ତି । କେନ୍ଦ୍ର ସରକାର ଓଡ଼ିଶାର ବିକାଶ ପାଇଁ ୫୦ ହଜାର କୋଟି ଟଙ୍କା ଦେଇଛନ୍ତି । ଏହି ଅର୍ଥ କାହାର ନୁହେଁ ବୋଲି ସଂପୃକ୍ତ କେନ୍ଦ୍ରମନ୍ତ୍ରୀ ଜନସାଧାରଣଙ୍କୁ ସୂଚନା ଦେଲେ । ୫-ଟି ସଚିବଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ହୁଳହୁଳି ପକାଇ, ଫୁଲମାଳ ପିନ୍ଧାଇ ସ୍ୱାଗତ କରୁଛନ୍ତି । ୫-ଟି ସଚିବ ଜଣେ ଭାରତୀୟ ପ୍ରଶାସନିକ ଅଧିକାରୀ । ସେ ଆଇଏଏସ୍ ସର୍ଭିସ କୋଡର ଉଲ୍ଲଙ୍ଘନ କରୁଛନ୍ତି ବୋଲି ବିରୋଧୀ ଦଳର କେତେକ ପୂର୍ବତନ ବରିଷ୍ଠ ପ୍ରଶାସନିକ ଅଧିକାରୀ କେନ୍ଦ୍ରକୁ ଚିଠି ଲେଖିଥିଲେ । କେନ୍ଦ୍ର ସରକାର ଏହି ଚିଠିକୁ ଓଡ଼ିଶାର ମୁଖ୍ୟ ଶାସନ ସଚିବଙ୍କୁ ଫରୱାର୍ଡ କରିଦେବା ପରେ ହୋହଲ୍ଲା ହେଲା, କେନ୍ଦ୍ରରୁ ଚିଠି ଆସିଛି । ଏକ ସମୟରେ ମଧ୍ୟ ଏହି ଖବରକୁ ପ୍ରାଥମିକତା ଦେଇ ଚାଲିଲା ତର୍କ ବିତର୍କ । ଜଣେ ବିଜେପି ନେତ୍ରୀ ଓଡ଼ିଶାର ବୋହୂ ଓ ବର୍ତ୍ତମାନର ୫-ଟି ସଚିବ ରାଜ୍ୟର ଜ୍ୱାଇଁ ବୋଲି ଜଣେ ବିଜେଡ଼ି ବିଧାୟକ ମଧ୍ୟ କହି ବିରୋଧୀଙ୍କୁ ଚୁପ୍ କରାଇଲେ । ସେମାନେ ପ୍ରଶ୍ନ କଲେ ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଯଦି ଠିକ୍ ନାହିଁ, ତେବେ ତାଙ୍କୁ କ'ଣ ହୋଇଛି ତାହା ସ୍ପଷ୍ଟ କରାଯାଉ ବୋଲି ମଧ୍ୟ ଦାବି ଉଠିଲା । ଉପରୋକ୍ତ ସମସ୍ତ ଅଭିଯୋଗ ଏବଂ ବକ୍ତବ୍ୟ ସଂପୂର୍ଣ୍ଣ ଅମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ନିକଟରେ ଏକାମ୍ର କ୍ଷେତ୍ରର ରଙ୍ଗାରଙ୍ଗ ଶିଳାନ୍ୟାସ ଉତ୍ସବରେ ମୁଖ୍ୟମନ୍ତ୍ରୀ ଯୋଗ ଦେଇଥିଲେ । ୫-ଟି ସଚିବଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ସାରା ରାଜ୍ୟରେ ବିକାଶ ଯୋଜନାକୁ ପ୍ରଶାସନିକ ସ୍ତରରେ ବିଭିନ୍ନ ସ୍ଥାନରେ ପହଞ୍ଚାଇବାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି । ଏଥିରେ ହତୋତ୍ସାହିତ ହୋଇ ବିରୋଧୀ ଦଳ ପ୍ରଳାପ କରୁଛନ୍ତି । ବିରୋଧୀ ଦଳ ନିକଟରେ କୌଣସି ପ୍ରସଙ୍ଗ ନାହିଁ । ଦରଦାମ ଆକାଶଛୁଆଁ ହେଲାଣି । ରନ୍ଧନ ଗ୍ୟାସ ଦର ୧୨୦୦ଟଙ୍କା ଛୁଇଁଲାଣି । ବିରୋଜଗାରୀ ଚରମ ସୀମାରେ ପହଞ୍ଚିଛି । ମଣିପୁର ଜଳୁଛି । ଓଡ଼ିଶାରେ ସାଂପ୍ରଦାୟିକ ବିଭେଦ ସୃଷ୍ଟି କରିବାର କୌଣସି ସମ୍ଭାବନା ନାହିଁ । ଓଡ଼ିଶା ଭୋଟର ଉଭୟ ବିଜେପି ଓ କଂଗ୍ରେସକୁ ପ୍ରତ୍ୟାଖାନ କରିଛନ୍ତି । କେତେକ ବିରୋଧୀ ଦଳର ବରିଷ୍ଠ ନେତା ମଧ୍ୟ ୫-ଟି ସଚିବଙ୍କ ତ୍ୱରିତ ବିକାଶ କାର୍ଯ୍ୟକ୍ରମକୁ ନେଇ ପ୍ରଶଂସା କରିଥିବା ବେଳେ କେନ୍ଦ୍ର ସରକାରଙ୍କ ଅବହେଳାରୁ ଜାତୀୟ ରାଜପଥ-୫୫ ଓ ଜାତୀୟ ରାଜପଥ-୨୬ର ମରାମତି କାର୍ଯ୍ୟ ସଂପୂର୍ଣ୍ଣ ହୋଇପାରୁନାହିଁ । ସଡ଼କ ଦୁର୍ଘଟଣା ବଢୁଛି । ଓଡ଼ିଶାରୁ ବିପୁଳ ପରିମାଣର ରାଜସ୍ୱ ନେଉଥିବା କେନ୍ଦ୍ର ସରକାର ରାଜ୍ୟକୁ ଦେଇଥିବା ଅର୍ଥ ନେଇ କଟୁ ମନ୍ତବ୍ୟ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ ବୋଲି ଜନସାଧାରଣରେ ଆଲୋଚନା ହେଉଛି ।

ଅନ୍ୟପକ୍ଷରେ କୌଣସି ପ୍ରସଙ୍ଗ ଓ ତଥ୍ୟମୂଳକ ସମ୍ବାଦ ପରିବେଷଣ ପରିବର୍ତ୍ତେ ଗଣମାଧ୍ୟମରେ ସଂପୂର୍ଣ୍ଣ ଅପ୍ରାସଙ୍ଗିକ ଓ ଭିତ୍ତିହୀନ ସମ୍ବାଦ ପରିବେଷଣ କରାଯାଉଛି । ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବଙ୍କ ପ୍ରତି କଟାକ୍ଷ ବିରୋଧୀ ଦଳଗୁଡିକ ପ୍ରତି ବୁମେରାଂ ହେବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ । ଏହି ମର୍ମରେ ବିଜେଡ଼ି ସାଂସଦ ଭର୍ତ୍ତୃହରି ମହତାବ ଗଣମାଧ୍ୟମର ପ୍ରତିନିଧିମାନଙ୍କ ପ୍ରଶ୍ନର କଡା ଜବାବ ରଖିଛନ୍ତି । ଶ୍ରୀ ମହତାବ ଜଣେ ବରିଷ୍ଠ ସାମ୍ବାଦିକ ଭାବରେ ତାଙ୍କର ସ୍ୱଭାବ ସୁଲଭ ଢଙ୍ଗରେ ଗଣମାଧ୍ୟମକୁ ଏପରି ପ୍ରସାରଣ ଉପରେ ପ୍ରଶ୍ନ ଉଠାଇଛନ୍ତି । ଦୀର୍ଘଦିନ ଧରି ଚୁପ୍ ରହିଥିବା ବିରୋଧୀ ଦଳ ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ପରାଜୟ ଆଶଙ୍କାରେ ଭୋକ ବିକଳରେ ତାଟିଆ କାମୁଡିବା ନୀତିରେ ବିଳାପ କରୁଛନ୍ତି । ଏପରି ଅଭିଯୋଗର କିଛି ପ୍ରାସଙ୍ଗିକତା ନାହିଁ ଏବଂ ବିରୋଧୀ ଏପରି ଅବ୍ୟାପାରକୁ ନେଇ ବ୍ୟାପାର କରୁଛନ୍ତି ବୋଲି ଭର୍ତ୍ତୃହରି ମହତାବଙ୍କ କଡା ଉତ୍ତର ସମସ୍ତଙ୍କୁ ହତଚକିତ କରିଦେଇଛି ।

# ସେବାର ମୂର୍ତ୍ତିମନ୍ତ ପ୍ରତୀକ ଉତ୍କଳମଣି ଗୋପବନ୍ଧୁ

ଡ଼. ଅରୁନ୍ଧତୀ ଦେବୀ

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କର ଆଦର୍ଶ ତ୍ୟାଗ ଓ ସମାଜ ସେବା ସମଗ୍ର ଓଡ଼ିଆ ଜାତି ପାଇଁ ଚିରସ୍ମରଣୀୟ ହୋଇ ରହିଛି ଓ ରହିଥିବ । ତାଙ୍କ ଜୀବନୀ ପ୍ରତ୍ୟେକ ଓଡ଼ିଶାବାସୀଙ୍କୁ ପ୍ରଭାବିତ କରିଥାଏ । ଜନ୍ମ ହେଲେ ସମସ୍ତେ ମୃତ୍ୟୁବରଣ କରନ୍ତି । କାଳର କରାଳ ଗର୍ଭରେ ସବୁକିଛି ବିଲୀନ ହୋଇଯାଏ । ସମୟର ସ୍ରୋତ ସମସ୍ତଙ୍କୁ ଭସାଇ ନିଏ । ଯେତେ ଯାହା ହେଲେ ମଧ୍ୟ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ତାଙ୍କର ନିଷ୍ପାପର ଆନ୍ତରିକ ସେବା କାର୍ଯ୍ୟ ପାଇଁ ପ୍ରତ୍ୟେକ ଓଡ଼ିଆଙ୍କ ନିକଟରେ ଅଭୁଲା ହୋଇ ରହିଥିବେ । ଗୋପବନ୍ଧୁ ଜନ୍ମ ଲାଭ କରିଥିଲେ ପୁରୀ ଜିଲ୍ଲାର ସୁଆଣ୍ଡୋ ନାମକ ଏକ ଗ୍ରାମରେ ୧୮୭୭ ମସିହା ଅକ୍ଟୋବର ମାସ ୯ ତାରିଖରେ । ତାଙ୍କ ପିତାଙ୍କ ନାମ ଥିଲା ଦୈତାରୀ ଦାସ ଓ ମାତାଙ୍କ ନାମ ଥିଲା ସ୍ୱର୍ଣ୍ଣମୟୀ ଦେବୀ । ଜନ୍ମର ଅଳ୍ପ ଦିନ ପରେ ସେ ମା'ଛେଉଣ୍ଡ ହୋଇ ପିଉସୀ କମଳା ଦେବୀଙ୍କ ତତ୍ତ୍ୱାବଧାନରେ ପ୍ରତିପାଳିତ ହୋଇଥିଲେ । ଗ୍ରାମରେ ଥିବା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ଲାଭ କଲାପରେ ରୂପଦେଇପୁରରେ ଥିବା ମଧ୍ୟଇଂରାଜୀ ବିଦ୍ୟାଳୟରେ ପଢ଼ିଲେ । ପୁରୀ ଜିଲ୍ଲା ସ୍କୁଲରୁ ୧୮୯୯ ମସିହାରେ ସେ ମେଟ୍ରିକ୍ୟୁଲେସନ ପରୀକ୍ଷାରେ କୃତକାର୍ଯ୍ୟ ହେଲେ । ତାଙ୍କର କଲେଜ ଶିକ୍ଷା ଆରମ୍ଭ ହେଲା କଟକ ରେଭେନ୍ସା ମହାବିଦ୍ୟାଳୟରେ । ୧୯୦୨ ମସିହାରେ ସେ ଏଫ୍.ଏ. ପରୀକ୍ଷାରେ ଓ ୧୯୦୪ ମସିହାରେ ବି.ଏ. ପରୀକ୍ଷାରେ କୃତକାର୍ଯ୍ୟ ହେଲେ । ରେଭେନ୍ସା କଲେଜରେ ପଢୁଥିବା ସମୟରେ ସେ ଆଚାର୍ଯ୍ୟହରିହର ଆଦି ଦେଶ ସେବକ ମାନଙ୍କ ସଂସ୍ପର୍ଶରେ ଆସି ଦେଶ ସେବାରେ ଆଗ୍ରହୀ ହେଲେ । ୧୯୦୨ ମସିହାରେ ବ୍ରହ୍ମପୁରରେ ହୋଇଥିବା ଉତ୍କଳ ସମ୍ମିଳନୀରେ ଯୋଗ ଦେଇ ସ୍ୱରଚିତ ପ୍ରାରମ୍ଭିକ ସଙ୍ଗୀତ ଗାନ କରି ଉତ୍କଳ ଗୌରବ ମଧୁସୂଦନ ଦାସ ଆଦି ବିଶିଷ୍ଟ ବ୍ୟକ୍ତିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ରେଭେନ୍ସା ମହାବିଦ୍ୟାଳୟରୁ ବି.ଏ. ପାଶ କଲାପରେ ସେ କଲିକତା ବିଶ୍ୱବିଦ୍ୟାଳୟରୁ ଆଇନ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ । ଦେଶର ଶିକ୍ଷାର ପ୍ରସାର ପାଇଁ ସେ ନିଳଗିରି ଠାରେ ସ୍ଥାପିତ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ଯୋଗ ଦେଲେ ।

ଜଣେ ଆଦର୍ଶ ଶିକ୍ଷକଙ୍କର ଭୂମିକା ସମ୍ବନ୍ଧରେ ଅନ୍ୟ ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦେଲାପରେ ସେ ଆଇନଜ୍ଞ ଭାବେ କଟକରେ କାର୍ଯ୍ୟକଲେ ଓ ପରେ ପୁରୀ ଯାଇ ଓକିଲାତି କରିଥିଲେ । ମିଥ୍ୟାକୁ ତିଳେ ମାତ୍ର ପ୍ରଶୟ ନ ଦେଇ ସତ୍ୟକୁ ସମ୍ବଳ କରି ଓକିଲାତି କରିବା ପାଇଁ ସେ ଅନ୍ୟ ଓକିଲ ମାନଙ୍କୁ କହୁଥିଲେ । ସେତେବେଳେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ନଥିଲା । ବିହାର ଓ ଓଡ଼ିଶା ଏକ ଶାସନାଧୀନ ଥିଲା । ଗୋପବନ୍ଧୁ ୧୯୧୭ରୁ ୧୯୨୦ ମସିହା ପର୍ଯ୍ୟନ୍ତ ବିହାର ଓଡ଼ିଶା ବିଧାନ ସଭାର ସଭ୍ୟ ରହି ବହୁତ ଉନ୍ନତି ମୂଳକ କାର୍ଯ୍ୟ କରିଯାଇଛନ୍ତି । ବିଶେଷତଃ ପରାଧୀନ



ଦେଶରେ ଦେଶବାସୀଙ୍କର ପ୍ରକୃତ ଉନ୍ନତି କିପରି ହେବ ସେଥିପାଇଁ ସେ ଚିନ୍ତିତ ଥିଲେ । ଓଡ଼ିଶାରେ ଜାତୀୟ କଂଗ୍ରେସର ସେ ସଭାପତି ହେଲେ । ମହାତ୍ମାଗାନ୍ଧୀଙ୍କ ଦ୍ୱାରା ପ୍ରଚାରିତ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇ ସେ ୧୯୨୨ରୁ ଦୁଇବର୍ଷ ପାଇଁ ହଜାରିବାଗ ଜେଲରେ ବନ୍ଦୀ ଜୀବନ ବିତାଇ ଥିଲେ । ଓଡ଼ିଆ ଭାଷାରେ ଲିଖିତ ତାଙ୍କର ଦେଶପ୍ରେମର ବାର୍ତ୍ତା ଦେଶବାସୀଙ୍କ ମଧ୍ୟରେ ଦେଶପ୍ରେମ ଓ ସ୍ୱାଧୀନତାର ବହ୍ନି ଜାଳି ଦେଇଥିଲା । ୧୯୨୪ ମସିହାରେ କଟକ ଠାରେ ଅନୁଷ୍ଠିତ ହୋଇଥିବା ଉତ୍କଳ ସମ୍ମିଳନୀରେ ତାଙ୍କୁ ଉତ୍କଳମଣି ଉପାଧି ପ୍ରଦାନ କରାଯାଇଥିଲା । ସେ ଲୋକ ସେବକ ମଣ୍ଡଳର ସଦସ୍ୟ ଓ ଉପସଭାପତି ଥିଲେ । ନିଃସ୍ୱାର୍ଥ ସେବାକୁ ସେ ଜୀବନର ବ୍ରତ ରୂପେ ଗ୍ରହଣ କରିଥିଲେ । ରେଭେନ୍ସା କଲେଜରେ ଛାତ୍ରଥିବା ସମୟରେ ସେ ଗରିବ ଛାତ୍ର ମାନଙ୍କ ପାଇଁ ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ଠାରୁ ଅର୍ଥ ସଂଗ୍ରହ କରି ଅଭାବି ଛାତ୍ର ମାନଙ୍କ ପାଇଁ ବହି ଖାତା କିଣିବା ଓ ଖାଇବା ବନ୍ଦୋବସ୍ତ କରୁଥିଲେ । ବନ୍ୟାବାତ୍ୟା ଓ ନାନା ପ୍ରକାର ଦୁର୍ବିପାକ ସମୟରେ ସେ ଲୋକମାନଙ୍କର ଉଦ୍ଧାର କାର୍ଯ୍ୟ କରିବା ସହ ଖାଦ୍ୟପେୟର ସୁବନ୍ଦୋବସ୍ତ କରିବା ପାଇଁ ନିଜ ସୁଖ ସୁବିଧାକୁ ଜଳାଞ୍ଜଳି ଦେଇ ସେବାରେ ଲାଗିପଡୁଥିଲେ । ନିଜ ପରିବାରକୁ ମଧ୍ୟ ଗୌଣ ସ୍ଥାନ ଦେଇ ଅସହାୟଙ୍କ ସେବାକୁ ପ୍ରାଧାନ୍ୟ ଦେଉଥିଲେ । ତାଙ୍କ ନିଜ ପୁଅ ରୋଗଗ୍ରସ୍ତ ଥିବା ସମୟରେ ସେ ଖବର ପାଇଲେ ବନ୍ୟା ଯୋଗୁଁ ଅନେକ ଅଞ୍ଚଳ ଜଳମଗ୍ନ ହୋଇ ଯାଇଥିବାରୁ ଲୋକମାନେ ଘରଦ୍ୱାରା ହରାଇ ଭୋକ ଉପାସରେ ପଡ଼ିରହି କଷ୍ଟ ଭୋଗୁଛନ୍ତି । ନିଜର ଗୁରୁତର ଅବସ୍ଥାରେ ପଡ଼ିଥିବା ରୋଗଗ୍ରସ୍ତ ପୁଅକୁ ଛାଡ଼ି ବନ୍ୟା ପ୍ରପୀଡ଼ିତ ଲୋକମାନଙ୍କ ଥଇଥାନ ଓ ଅନ୍ନ ସଂସ୍ଥାନ କରିବା ପାଇଁ ଚାଲିଗଲେ । ଗୋଟିଏ ପୁଅ ତୁଳନାରେ ହଜାର ହଜାର ଲୋକଙ୍କ କଷ୍ଟ ଦୂର କରିବା ତାଙ୍କ ପାଇଁ ଅଧିକ ଉପଯୋଗୀ ମନେହେଲା । ବନ୍ୟା ପ୍ରପୀଡ଼ିତ ଲୋକମାନଙ୍କ ସେବା କରି ଘରକୁ ଫେରି ଆସିଲା ବେଳକୁ ପୁଅ ଶେଷ ବିଦାୟ ନେଇ ସାରିଥିଲା । ବାସ୍ତବିକ ଏ ପ୍ରକାର ସେବା କେତେ ଜଣ କରିପାରିବେ ? ନିଜ ପର ମଧ୍ୟରେ ପ୍ରଭେଦ ସେ ଦେଖୁନଥିଲେ । ମାନବ ସେବାକୁ ମାଧବଙ୍କ ସେବା ବୋଲି ସେ ଗ୍ରହଣ କରିଥିଲେ । ଲୋକମାନଙ୍କ ନିକଟରେ ବିଭିନ୍ନ ସମ୍ବାଦ ପହଞ୍ଚାଇବାକୁ ସେ ସେବା ରୂପେ ଗ୍ରହଣ କରିଥିଲେ । ସେଥିପାଇଁ ୧୯୧୫ ମସିହାରେ ନିଜ ଗ୍ରାମରୁ କିଛି ଦୂରରେ ଥିବା ସାକ୍ଷୀଗୋପାଳରୁ 'ସତ୍ୟବାଦୀ' ନାମରେ ଗୋଟିଏ ପତ୍ରିକା ପ୍ରକାଶ କରି ଲୋକମାନଙ୍କ ମଧ୍ୟରେ ବିତରଣ କଲେ । ୧୯୧୯ ମସିହାରେ 'ସମାଜ' ପତ୍ରିକା ପ୍ରକାଶ କଲେ । ପ୍ରଥମରେ ଏହା ସପ୍ତାହରେ ଥରେ ପ୍ରକାଶିତ ହେଉଥିଲା । ପରେ ଏହା ଦୈନିକ ସମ୍ବାଦପତ୍ର ରୂପେ ପ୍ରକାଶିତ ହୋଇ ଖୁବ୍ ଲୋକପ୍ରିୟ ହେଲା । ରାଜନୀତି ଠାରୁ ଆରମ୍ଭ କରି ବିଭିନ୍ନ ସମ୍ବାଦ ପରିବେଷଣ ଦ୍ୱାରା ଲୋକମାନଙ୍କର ଯେଉଁ ସେବା ସେ ଆରମ୍ଭ କଲେ ସେଥିପାଇଁ ସେ ଚୀର ସ୍ମରଣୀୟ ହୋଇ ରହିଛନ୍ତି । ଓଡ଼ିଶାରେ ଅନେକ ସମ୍ବାଦପତ୍ର ପ୍ରକାଶିତ ହେଉଥିଲେ ହେଁ ସମାଜର ଲୋକପ୍ରିୟତା ଗୋପବନ୍ଧୁଙ୍କର ଆଶୀର୍ବାଦରୁ ଅତୁଟ ରହିଛି । ପରାଧୀନ ଦେଶରେ ଲୋକ ମାନଙ୍କୁ ସ୍ୱାଧୀନତା ସମ୍ବନ୍ଧରେ ଉଦ୍‌ବୃଦ୍ଧ କରିବାକୁ ଏକ ବଡ଼ ସେବା ବୋଲି ସେ ଗ୍ରହଣ କରିଥିଲେ । ଦେଶ ଓ ଦଶର ସେବା ବ୍ରତ ପାଇଁ ସେ ଚିରଦିନ ଓଡ଼ିଆ ମାନଙ୍କ ମନରେ ବଞ୍ଚି ରହିଥିବେ ।

*ବିଭାଗୀୟ ମୁଖ୍ୟ,*
*ହେପାଟୋଲୋଜି ବିଭାଗ,*
*ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ,*
*କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*

# ଇଣ୍ଡିଆନ ଅଏଲ ପାରାଦୀପ ରିଫାଇନାରୀରେ ବାହୁଡା ଯାତ୍ରା ପାଳିତ



**ପାରାଦୀପ, (ଦିପ୍ତୀ ପ୍ରସାଦ ପଣ୍ଡା) :** ପାରାଦୀପ ରିଫାଇନାରୀ ଟାଉନସିପ୍ ବାହୁଡା ଯାତ୍ରା ସମୟରେ ଆନନ୍ଦ ଏବଂ ଭକ୍ତିରେ ପରିପୂର୍ଣ୍ଣ ହୋଇଯାଇଥିଲା । ରଥଯାତ୍ରାର ସମାପ୍ତି ଉତ୍ସବରେ ଭକ୍ତମାନେ ଏକତ୍ରିତ ହୋଇ ଏଥିରେ ଯୋଗ ଦେଇଥିଲେ । ଭକ୍ତମାନଙ୍କ ମଧ୍ୟରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସବ । ପାରାଦୀପ ରିଫାଇନାରୀ ଟାଉନସିପର ମନ୍ଦିରକୁ ଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରାଙ୍କ ଫେରିବା ସହିତ ଏହି ଉତ୍ସବ ସମାପ୍ତ ହୋଇଥିଲା । ଏହି ଉତ୍ସବ ଓଡ଼ିଶାର ସମୃଦ୍ଧ ସଂସ୍କୃତିର ସ୍ମାରକ ଭାବରେ କାର୍ଯ୍ୟ କଲା ଏବଂ ଏହା ଶିଳ୍ପ ଭୂମିକା ବାହାରେ ସମ୍ପ୍ରଦାୟ ସହିତ ଯୋଡି ହେବା ପାଇଁ ବିଶୋଧନାଗାରର ପ୍ରୟାସ ପ୍ରଦର୍ଶନ କରିଥିଲା ।

## ଧବଳେଶ୍ୱର ପୀଠକୁ ସଂଯୋଗ କରୁଥିବା ନୂତନସ୍ଥାୟୀ ସେତୁର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ

# ଏଣିକି ସୁଗମ ହେବ ଭକ୍ତଙ୍କ ଯାତ୍ରା : ଶ୍ରୀ ସିଂହ





**କଟକ, (ରବିନ୍ଦ୍ରନାଥ ପାଢୀ) :** ଧବଳେଶ୍ୱର ପୀଠକୁ ସଂଯୋଗ କରୁଥିବା ନୂତନସ୍ଥାୟୀ ସେତୁର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଶେଷ ସ୍ପର୍ଶ ଦିଆଯିବା ପରେ ଏହା ସର୍ବସାଧାରଣଙ୍କ ଗମନାଗମନ ନିମନ୍ତେ ଉନ୍ମୁକ୍ତ ରହିବ । ପୂର୍ଣ୍ଣାଙ୍ଗ ସ୍ଥିତି ପରଖିଲେ ପ୍ରମୁଖ ଶାସନ ସଚିବ । ଏଣିକି ସ୍ଥଳପଥ ଦେଇ ଧବଳେଶ୍ୱର ପୀଠରେ ପହଞ୍ଚିପାରିବେ ଭକ୍ତ । ସୁଗମ ହେବ ଭକ୍ତଙ୍କ ଯାତ୍ରା । ଏହାଫଳରେ ଧବଳେଶ୍ୱର ପୀଠକୁ ଆଶାତୀତ ଭାବେ ଭକ୍ତ ଓ ଦର୍ଶନାର୍ଥୀଙ୍କ ସଂଖ୍ୟା ବୃଦ୍ଧି ହେବ ବୋଲି ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂହ ସେତୁ ନିର୍ମାଣସ୍ଥଳ ପରିଦର୍ଶନ ଓ କାର୍ଯ୍ୟ ଅଗ୍ରଗତି ଅନୁଧ୍ୟାନ କରି ଉପରୋକ୍ତ ବିଷୟ ପ୍ରକାଶ କରିଛନ୍ତି । ଧବଳେଶ୍ୱର ପୀଠର ଭୌଗୋଳିକ ଅବସ୍ଥିତି ଏକ ସୁନ୍ଦର ପର୍ଯ୍ୟଟନସ୍ଥଳୀର ବୈଭବକୁ ମଣ୍ଡନ କରେ । ଏହି ସ୍ଥାନକୁ ସୁରକ୍ଷିତ ଯୋଗାଯୋଗ ସୁନିଶ୍ଚିତ ହୋଇଯିବା ପରେ ଏହା ପର୍ଯ୍ୟଟକମାନଙ୍କୁ ବହୁଳ ଭାବରେ ଆକୃଷ୍ଟ କରିବ ବୋଲି ଆଶା କରାଯାଉଥିବା ଶ୍ରୀ ସିଂହ ମତବ୍ୟକ୍ତ କରିଛନ୍ତି । ବିଜୁ ସେତୁ ଯୋଜନା ଅନ୍ତର୍ଗତ ମଞ୍ଚେଶ୍ୱର ଗ୍ରାମଠାରୁ ଧବଳେଶ୍ୱର ପୀଠ ପର୍ଯ୍ୟନ୍ତ ଏହି ବିସ୍ତୃତ ସେତୁ ପ୍ରାୟ ୨୨କୋଟି ୨୮ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଛି । ଏହାର ଦୈର୍ଘ୍ୟ ୨୭୬ ମିଟର ରହିଥିବା ବେଳେ ଏହାର ପ୍ରସ୍ଥ ୬.୨ ମିଟର ରହିଛି । ଏହାର ଉଭୟ ପାର୍ଶ୍ୱରେ ୩୬୦ ମିଟର ସଂଯୋଗକାରୀ ରାସ୍ତା ମଧ୍ୟ ନିର୍ମାଣ କରାଯାଇଛି । ପ୍ରକାଶ ଥାଉକି ଧବଳେଶ୍ୱର ପୀଠକୁ ଏଥିପୂର୍ବରୁ କୌଣସି ସ୍ଥାୟୀ ସେତୁ ସଂଯୋଗ କରୁନଥିଲା । ଯାହାଫଳରେ ଶ୍ରଦ୍ଧାଳୁ, ଭକ୍ତ ଓ ଦର୍ଶନାର୍ଥୀମାନଙ୍କୁ ଝୁଲାପୋଲ ଉପରେ ନିର୍ଭର କରିବାକୁ ପଡୁଥିଲା ।

ଏଥିସହ ଦର୍ଶନାର୍ଥୀମାନେ ଶ୍ରାବଣମାସ, ବଡଓଷା ଓ ବିଭିନ୍ନ ପର୍ବପର୍ବାଣୀ ସମୟରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ । କେବଳ ଦର୍ଶନାର୍ଥୀ ନୁହଁନ୍ତି ପୂଜକମାନେ ମଧ୍ୟ ବାବା ଧବଳେଶ୍ୱରଙ୍କ ରୀତିନୀତି ସମ୍ପନ୍ନ ନିମନ୍ତେ ଆବଶ୍ୟକ ସାମଗ୍ରୀ ପରିବହନ ଓ ଗମନାଗମନରେ ଅସୁବିଧାର ସମ୍ମୁଖୀନ ହେଉଥିଲେ । ପରିଦର୍ଶନ ସମୟରେ ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀ ମୁଖ୍ୟ ପ୍ରଦୀପ କୁମାର ସାମଲ, ମୁଖ୍ୟଯନ୍ତ୍ରୀ (ସେତୁ ଓ କୋଠାବାଡି) ରମେଶ ଚନ୍ଦ୍ର ବେହେରା, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ସୋମନାଥ ପରିଡା, ଅଧୀକ୍ଷଣ ଯନ୍ତ୍ରୀ ଅଶୋକ କୁମାର ସାହୁ, ଉପନିର୍ଦ୍ଦେଶକ ସୂଚନା ଓ ଲୋକସଂପର୍କ ବିଭାଗ ତଥା ଭାରପ୍ରାପ୍ତ ସୂଚନା ଓ ଲୋକସଂପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ଅଜୟ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଓଡ଼ିଶା ରାଜ୍ୟ ଗୃହନିର୍ମାଣ ସଂସ୍ଥାରେ କାଗଜଶୂନ୍ୟ ପରିଚାଳନା ବ୍ୟବସ୍ଥାର ଶୁଭାରମ୍ଭ



**ଭୁବନେଶ୍ୱର, (ଯୁବମୋର୍ଚ୍ଚା ବ୍ୟୁରୋ) :** ଓଡ଼ିଶା ରାଜ୍ୟ ଗୃହନିର୍ମାଣ ସଂସ୍ଥାରେ ଅଫିସ୍ କାର୍ଯ୍ୟ ସମ୍ପାଦନ ପାଇଁ ପ୍ରଚଳିତ ଥିବା କାଗଜ ନଥିର ଉପଯୋଗ ବଦଳରେ, ବୈଷୟିକ କୌଶଳ ଆଧାରିତ "ଓସ୍ୱାସ୍"ର ଉପଯୋଗ କରାଯିବାକୁ ସ୍ଥିର କରାଯାଇଛି । ସଂସ୍ଥାର ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ ଶନିବାର ଦିନ ଅପରାହ୍ନରେ, ଏହାର ମୁଖ୍ୟ ଦପ୍ତର 'ଗୃହ ନିର୍ମାଣ ଭବନ'ରେ "ଓସ୍ୱାସ୍" ଢାଞ୍ଚା, ସଂସ୍ଥାରେ ପ୍ରୟୋଗ ଉଦ୍ଦେଶ୍ୟରେ ଏହାର ଉଦ୍‌ଘାଟନ କରିଥିଲେ । ଶ୍ରୀ ସିଂଦେଓ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ ଯେ, ରାଜ୍ୟ ସରକାରଙ୍କର '୫-ଟି' ସୂତ୍ର ଆଧାରରେ, ସଂସ୍ଥା ପରିଚାଳନା ପାଇଁ ଅତ୍ୟାଧୁନିକ ଡିଜିଟାଲ ବୈଷୟିକ ଜ୍ଞାନକୌଶଳର ଉପଯୋଗ ହେବା ଦ୍ୱାରା ସମସ୍ତ ହିତାଧିକାରୀମାନେ ତ୍ୱରିତ ସେବା ପାଇପାରିବେ । ଅଗାମୀ ଦିନରେ ସଂସ୍ଥାର କର୍ମଚାରୀମାନଙ୍କର ଉତ୍ତର ଦାୟିତ୍ୱ ବଢ଼ିବ ।

ଏହି ଉଦ୍‌ଘାଟନୀ ଉତ୍ସବର ଅନ୍ୟତମ ଅତିଥି ଭାବେ ସଂସ୍ଥାର ପରିଚାଳନା ନିର୍ଦ୍ଦେଶିକା ଶ୍ରୀମତୀ ସାଗରିକା ପଟ୍ଟନାୟକ, ଆଇ.ଆର.ପି.ଏସ୍ ଉପସ୍ଥିତ ଥିଲେ । ସଂସ୍ଥାର ମୁଖ୍ୟଯନ୍ତ୍ରୀ ଲୋକନାଥ ମହାପାତ୍ର, ବିତ୍ତ ଉପଦେଷ୍ଟା ଶ୍ରୀମତୀ ପୁଷ୍ପାଞ୍ଜଳୀ ତ୍ରିପାଠୀଙ୍କ ସହ ଅନ୍ୟ ବରିଷ୍ଠ ପଦାଧିକାରୀ ଓ 'ଓସ୍ୱାସ୍'ର ରାଜ୍ୟ ସଂଯୋଜକ ରାକେଶ କୁମାର ସାହୁଙ୍କ ସମେତ ସଂସ୍ଥାର କର୍ମଚାରୀମାନେ ଏହି ଉଦ୍‌ଘାଟନ ବୈଠକରେ ସାମିଲ୍ ହୋଇଥିଲେ ।

## ସନ୍ଥବାହୁଡା ଦାସଙ୍କ ଜୟନ୍ତୀ ପାଳିତ



**ବାଲିଅନ୍ତା, (ଯୁବମୋର୍ଚ୍ଚା ବ୍ୟୁରୋ) :** ସନ୍ଥକବି ଶ୍ରୀଶ୍ରୀବାହୁଡ଼ା ଦାସଙ୍କ ୨୨୭ତମ ଜୟନ୍ତୀ ହୀରାପୁରସ୍ଥିତ ୬୪ଯୋଗିନୀ ପୀଠ ପରିସରରେ ବାହୁଡା ଦଶମୀ ତିଥିରେ ପାଳିତ ହୋଇଯାଇଛି । ସମାଜସେବୀ ବେଣୁଧର ଭୋଇଙ୍କ ଅଧ୍ୟକ୍ଷତାରେ ଓ ପ୍ରମୋଦ ଭୋଇଙ୍କ ସଂଯୋଜନାରେ ଏକ ସ୍ୱତନ୍ତ୍ର ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲି, ମୁଖ୍ୟବକ୍ତା ବିଶିଷ୍ଟ ଆଧ୍ୟାତ୍ମିକବାଦୀ ସନ୍ତୋଷ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ମାର୍କଫେଡ୍‌ର ଅଧ୍ୟକ୍ଷା ସୁଶ୍ରୀ କବିତା ମଂଜରୀ ପରିଡା, ବିଶିଷ୍ଟ ପକ୍ଷାଘାତ ରୋଗ ଚିକିତ୍ସକ ଡକ୍ଟର ନେତ୍ରାନନ୍ଦ ଭୋଇ, ବ୍ରାହ୍ମଣଝରିଲୋ କେନ୍ଦ୍ରସଂଗଠନ ସଭାପତି ଗିରିଶଚନ୍ଦ୍ର ନାୟକ, ସଂପାଦକ ଅତୁଲ୍ୟ ନାୟକ, ରମାଲତା ନାୟକ ଓ ସମିତିସଭ୍ୟ ରଞ୍ଜନ କୁମାର ମହାପାତ୍ର ପ୍ରମୁଖଯୋଗ ଦେଇ ବାହୁଡା ଦାସଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭକରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ ଏବଂ ବିଜୟଭୋଇ, ସଂଜୟ ସାମଲ, କେଶବ ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ପିଆଇବି ପକ୍ଷରୁ ଆଞ୍ଚଳିକ ଗଣମାଧ୍ୟମ କର୍ମଶାଳା "ବାର୍ତ୍ତାଳାପ"

**ଖୋର୍ଦ୍ଧା, (ସୟେଦ ଅନସର ଅଲ୍ଲୀ) :** ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି), ଭୁବନେଶ୍ୱର ପକ୍ଷରୁ ଖୋର୍ଦ୍ଧା ଟାଉନ୍ ହଲ୍ ଠାରେ ଆଞ୍ଚଳିକ ଗଣମାଧ୍ୟମ କର୍ମଶାଳା "ବାର୍ତ୍ତାଳାପ" ଆୟୋଜିତ ହୋଇଯାଇଛି । କର୍ମଶାଳାରେ କେନ୍ଦ୍ରର "ଏନଡିଏ ସରକାରଙ୍କ ୯ବର୍ଷ : ଭାରତୀୟ ଅର୍ଥବ୍ୟବସ୍ଥାର ଅଭିବୃଦ୍ଧି କାହାଣୀ", "କେନ୍ଦ୍ର ସରକାରଙ୍କ ୯ ବର୍ଷର ସେବା, ସୁଶାସନ ଓ ଗରିବ କଲ୍ୟାଣ" ଆଦି ବିଷୟବସ୍ତୁ ଉପରେ ଆଲୋଚନା କରାଯାଇଥିଲା । ଭାରତ ସରକାରଙ୍କ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି)ର ଯୁଗ୍ମ ନିର୍ଦ୍ଦେଶକ ଏବଂ କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣନ ବୋର୍ଡ (ସିବିଏଫସି)ର ଆଞ୍ଚଳିକ ଅଧିକାରୀ ଡକ୍ଟର ଗିରିଶ ଚନ୍ଦ୍ର ଦାଶ କର୍ମଶାଳାରେ ଅଧ୍ୟକ୍ଷତା କରିଥିଲେ । କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଡକ୍ଟର ଦାଶ କହିଥିଲେ ଯେ, ବାର୍ତ୍ତାଳାପ କର୍ମଶାଳା ସରକାର ଓ ଗଣମାଧ୍ୟମ ପ୍ରତିନିଧିଙ୍କ ସହିତ ପ୍ରତ୍ୟକ୍ଷ ସମ୍ବାଦ ସ୍ଥାପନ କରିବାର ଏକ ମାଧ୍ୟମ ବୋଲି ସେ ଆହୁରି କହିଥିଲେ ଯେ, କେବଳ ସୂଚନାକୁ ଖବର ବୋଲି କୁହାଯାଇପାରିବ ନାହିଁ । ସୂଚନାକୁ ସଠିକ୍ ଢଙ୍ଗରେ ପରିବେଷଣ କଲେ ତାହା ଖବର ହୋଇଥାଏ । ସମ୍ପ୍ରତି ସାମାଜିକ ଗଣମାଧ୍ୟମ ଜରିଆରେ ମିଛ ଖବର ବହୁଳ ଭାବେ ପ୍ରସାରିତ ହେଉଛି । ମିଛ ଖବର ପ୍ରସାରଣକୁ ରୋକିବା ଦିଗରେ ମୁଖ୍ୟସ୍ରୋତର ଗଣମାଧ୍ୟମଙ୍କ ଏକ ପ୍ରମୁଖ ଦାୟିତ୍ୱ ରହିଛି ବୋଲି ଡକ୍ଟର ଦାଶ କହିଥିଲେ । ଏହି କ୍ରମରେ ସେ ପିଆଇବି ଦ୍ୱାରା ଭ୍ରମାତ୍ମକ ଖବର ପ୍ରସାରଣ ଉପରେ ଅଙ୍କୁଶ ଲଗାଇବାକୁ ଏକ ଫ୍ୟାକ୍ଟଚେକ ୟୁନିଟ୍ ପରିଚାଳନା କରାଯାଉଥିବା ସମ୍ପର୍କରେ ସୂଚନା ଦେଇଥିଲେ । କେନ୍ଦ୍ର ସରକାରଙ୍କ ୯ ବର୍ଷର ସେବା, ସୁଶାସନ ଓ ଗରିବ କଲ୍ୟାଣ ଏବଂ ଦେଶର ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶା ଓ ଖୋର୍ଦ୍ଧା ମାଟିର ଅବଦାନ ସମ୍ପର୍କରେ ବରିଷ୍ଠ ସାମ୍ବାଦିକ ତଥା ବକ୍ତା ପ୍ରଦ୍ୟୁମ୍ନ ଶତପଥୀ ବକ୍ତବ୍ୟ ରଖିଥିଲେ । ସେ ତାଙ୍କ ଉଦବୋଧନରେ କହିଥିଲେ ଯେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଏବଂ ଦେଶର ସାମଗ୍ରିକ ବିକାଶ ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ କାରଣରୁ ଆଜି ଦେଶବାସୀଙ୍କର ସର୍ବାଙ୍ଗୀଣ ଉନ୍ନତି ହୋଇଛି ତଥା ବିଶ୍ୱସ୍ତରରେ ଭାରତର ସମ୍ମାନ ଓ ପ୍ରତିଷ୍ଠା ବୃଦ୍ଧି ପାଇଛି । 'ଏନଡିଏ ସରକାରଙ୍କ ୯ବର୍ଷ : ଭାରତୀୟ ଅର୍ଥବ୍ୟବସ୍ଥାର ଅଭିବୃଦ୍ଧି କାହାଣୀ' ବିଷୟବସ୍ତୁ ଉପରେ ଉଦବୋଧନ ଦେଇ ବରିଷ୍ଠ ସାମ୍ବାଦିକ ଅକ୍ଷୟ ସାହୁ କହିଥିଲେ ଯେ, ଏନଡିଏ ସରକାରଙ୍କ ୯ ବର୍ଷର କାର୍ଯ୍ୟକାଳ ମଧ୍ୟରେ ଭାରତ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଏକଦା ନୀତିଗତ ପକ୍ଷାଘାତର ଶିକାର ଦେଶ ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦୃ ଓ ନିର୍ଣ୍ଣାୟକ ପ୍ରଶାସନ ପାଇଁ ପରିଚିତ ହୋଇପାରିଛ । ମହାମାରୀ ପରେ ଦେଶର ଅର୍ଥବ୍ୟବସ୍ଥା ସ୍ୱାଭାବିକ ବିକାଶ ହାର ହାସଲ କରିଥିବା ବେଳେ ବିପତ୍ତିକୁ ଅବସରରେ ପରିଣତ କରିବାରେ ଦେଶ ସଫଳ ହୋଇଛିୟ ଭାରତ ବିଶ୍ୱର ପଞ୍ଚମ ସର୍ବବୃହତ ଅର୍ଥବ୍ୟବସ୍ଥାର ମାନ୍ୟତା ଲାଭ କରିଥିବା ବେଳେ ଖୁବଶୀଘ୍ର ବିଶ୍ୱର ତୃତୀୟ ସର୍ବବୃହତ ଅର୍ଥବ୍ୟବସ୍ଥା ହେବା ଦିଗରେ ଅଗ୍ରସର ହେଉଛି । ଦୁର୍ନୀତି ଓ ଭ୍ରଷ୍ଟାଚର କମିଛି । ମେକ୍ ଇନ୍ ଇଣ୍ଡିଆ, ଷ୍ଟାର୍ଟଅପ୍ ଇଣ୍ଡିଆ, ଡିଜିଟାଲ ଇଣ୍ଡିଆ ଭଳି ଅଭିଯାନ ସାମାଜିକ-ଆର୍ଥିକ ବିକାଶକୁ ସୁଦୃ କରିଛି ବୋଲି ଶ୍ରୀ ସାହୁ କହିଥିଲେ । ଶ୍ରୀ ସାହୁ ଭାରତ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ ।



ବରିଷ୍ଠ ପ୍ରାଧ୍ୟାପକ, ଲେଖକ ତଥା ବକ୍ତା ପ୍ରଫେସର ସୂର୍ଯ୍ୟ ନାରାୟଣ ମିଶ୍ର "ସ୍ୱାଧୀନତାର ଅମୃତ ମହୋତ୍ସବ : ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଖୋର୍ଦ୍ଧାର ଭୂମିକା" ବିଷୟବସ୍ତୁ ଉପରେ ବକ୍ତବ୍ୟ ରଖିଥିଲେୟ ଏହି ପରିପ୍ରେକ୍ଷୀରେ ପାଇକ ବିଦ୍ରୋହର ଉଦାହରଣ ଦେଇ ଦେଶକୁ ସ୍ୱାଧୀନ କରିବା ଲାଗି ଖୋର୍ଦ୍ଧା ମାଟିର ମହାନ ସଂଗ୍ରାମୀମାନଙ୍କର ଭୂମିକା ଏବଂ ସେମାନେ ଦେଇଥିବା ବଳିଦାନ ସମ୍ପର୍କରେ ଅବତାରଣା କରିଥିଲେ । ଏଥିସହିତ ଗଣତନ୍ତ୍ରରେ ଏକ ସକ୍ରିୟ ତଥା ଦୃ ଗଣମାଧ୍ୟମର ଆବଶ୍ୟକତା ଓ ଗୁରୁତ୍ୱ ସମ୍ପର୍କରେ ସେ ଆଲୋକପାତ କରିଥିଲେ ।

## ଦରଦାମ ବୃଦ୍ଧି ପ୍ରସଙ୍ଗ

# ନିର୍ବାଚନ ଆସିଲେ ସରକାର ଶୀତଳ ଭଣ୍ଡାର କଥା କହନ୍ତି : କଂଗ୍ରେସ



ଭୁବନେଶ୍ୱର : ଏବେ ରାଜ୍ୟରେ ପରିବାଦର ଆକାଶ ଛୁଆଁ। ସାଧାରଣ ଜନତା ପରିବା କିଣିବାକୁ ସାହାସ କରୁନାହାନ୍ତି। ଏତିକିବେଳେ ସରକାର ନିଘୋଡ଼ ନିଦରେ ଶୋଇଛନ୍ତି ଏବଂ ମୁନାଫାଖୋର ବେପାରୀଙ୍କ ସହିତ ମିଶି ସାଧାରଣ ଜନତାଙ୍କ ଅସୁବିଧା ବେଳେ ପନିପରିବାର କଳାବଜାରୀ କରି ଫାଇଦା ଉଠାଉଛନ୍ତି ବୋଲି କହିବା ସହିତ କେବଳ ନିର୍ବାଚନ ଆସିଲେ ସରକାର ଶୀତଳଭଣ୍ଡାର କଥା କହନ୍ତି ପ୍ରତି ବ୍ଲକରେ ଶୀତଳ ଭଣ୍ଡାର କରିବେ ବୋଲି ପ୍ରାୟ ୧୦ବର୍ଷ ହେବ କହିଆସୁଛନ୍ତି ହେଲେ ନିର୍ବାଚନ ସରିଲେ ଶୀତଳ ଭଣ୍ଡାର ଫାଇଲଟି ଶୀତଳ ଭଣ୍ଡାରକୁ ଚାଲିଯାଏ ବୋଲି କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର ସରକାରଙ୍କୁ ସିଧାସଳଖ ଟାର୍ଗେଟ କରିଛନ୍ତି। ଯଦି ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନ ନିଅନ୍ତି କଂଗ୍ରେସ ଆନ୍ଦୋଳନକୁ ଯିବ ବୋଲି ଶ୍ରୀ ମିଶ୍ର ଚେତାବନୀ ଦେଇଛନ୍ତି।

# କପିଳେଶ୍ୱର ଦେବଙ୍କ ମନ୍ଦିରକୁ ଏକାମ୍ର ପ୍ରକଳ୍ପରେ ସ୍ଥାନ ନଦେବା ଶ୍ରଦ୍ଧାଳୁଙ୍କୁ ବ୍ୟଥିତ କରିଛି : ରଶ୍ମୀ ମହାପାତ୍ର

**ଭୁବନେଶ୍ୱର, (ଯୁବମୋର୍ଚ୍ଚା ବ୍ୟୁରୋ) :** ବହୁ ଯାକ ଜମକରେ ଏକାମ୍ର ପ୍ରକଳ୍ପର ଭୂମି ପୂଜା କରାଗଲା । ତିନି ଦିନ ବ୍ୟାପୀ ବେଦପାଠ, ଯଜ୍ଞରେ ସମଗ୍ର ଭୁବନେଶ୍ୱର ମନ୍ତ୍ରମୟ ହୋଇଉଠିଲା । ମହାପ୍ରଭୁ ଲିଙ୍ଗରାଜଙ୍କ ମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା, ବିନ୍ଦୁସାଗର, ଏକାମ୍ର ଐତିହ୍ୟ ମନ୍ଦିର ସବୁ ରଥରୋଡ, ଐତିହ୍ୟ ପଥ ସବୁକୁ ଭକ୍ତ ମ୍ୟାପରେ ସ୍ଥାନ ପାଇଛି । କିନ୍ତୁ ଏକଦା ଶ୍ରୀଲିଙ୍ଗରାଜଙ୍କ ପ୍ରତ୍ୟେକ ଯାନି ଯାତ୍ରାରେ ସାଥୀରେ ଆସୁଥିବା ଦେବାଧିଦେବ ମହାମନ୍ତ୍ରୀ କପିଳେଶ୍ୱରଙ୍କ ମନ୍ଦିରଟି ୫୦୦ ମିଟର ମଧ୍ୟରେ ଥିଲେ ବି ମଧ୍ୟ ମାନଚିତ୍ରରୁ ଉଭାନ ହୋଇଯାଇଛି । ଯାହାକି କପିଳେଶ୍ୱରଙ୍କ ଶ୍ରଦ୍ଧାଳୁ କ୍ଷୋଭ ପ୍ରକାଶ କରିଛନ୍ତି ବୋଲି ବରିଷ୍ଠ କଂଗ୍ରେସ ନେତ୍ରୀ ରଶ୍ମୀ ମହାପାତ୍ର ।

ସେ କହିଛନ୍ତି ଯେ, ଗତ କିଛି ମାସ ପୂର୍ବେ କପିଳେଶ୍ୱର ମହାପ୍ରଭୁଙ୍କ ମାଣିକର୍ଣିକା ଘାଟକୁ ରାସ୍ତା ସଂଯୋଗୀକରଣ, ବସ୍ ପାର୍କିଂ ଆଦି ପ୍ରକଳ୍ପର ଶିଳାନ୍ୟାସ କରାଯାଇଅଛି । ଏଥିପାଇଁ ଜମି ଅଧିଗ୍ରହଣ ପାଇଁ ସର୍ଭେ ମଧ୍ୟ ଚାଲିଛି । ଏହି ସବୁର ଉନ୍ନତି ପାଇଁ ଆମ୍ଭେ ଦୀର୍ଘ ୧୫ବର୍ଷ ହେଲା ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଆସିଛୁ । ଏପରିକି ଗ୍ରାମବାସୀଙ୍କଠାରୁ ଦସ୍ତଖତ ଅଭିଯାନରେ ଗଣ ଦସ୍ତଖତ ସମ୍ବଳିତ ଦରଖାସ୍ତ ଏଡିଏମ୍ ଭୁବନେଶ୍ୱରଙ୍କୁ ଦେଇଥିଲୁ । ଜମି ଅଧିଗ୍ରହଣ କିପରି ବିବାଦମୁକ୍ତ ହେବ ସେଥିପାଇଁ ମଧ୍ୟ ଗୁଡିଏ ପ୍ରସ୍ତାବ ସରକାରଙ୍କ ପାଖରେ ଉପସ୍ଥାପନ କରିଥିଲୁ । ଯାହାକି ଆଜି କାର୍ଯ୍ୟକାରୀ ହେବାକୁ ଯାଇଛି । ଏଣୁ ଏକାମ୍ର ପ୍ରକଳ୍ପ ଶୁଭ ପଡିବାର କୋଟି କୋଟି ଟଙ୍କା ଖର୍ଚ୍ଚ ହେଲା, ଆଲୋକୀକରଣ, ଟେଣ୍ଟ, ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦିର ମୁଖ୍ୟମନ୍ତ୍ରୀ ମହୋଦୟ ମଧ୍ୟ ପୂର୍ଣ୍ଣାହୁତି ସମ୍ପୂର୍ଣ୍ଣ କଲେ । କରକମଳରେ ଶିଳା ସ୍ଥାପନ କରାଗଲା । ଓଡ଼ିଶା ସାରା ହୁରି ପକାଇଥିବା ୫ଟି ସଚିବଙ୍କ ତତ୍ତ୍ୱାବଧାନରେ ଏହା ସମ୍ଭବ ହୋଇଛି ବୋଲି ସମସ୍ତ ଅଞ୍ଚଳବାସୀ ଏବଂ ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି । କିନ୍ତୁ ଦୁଃଖର ବିଷୟ ଲିଙ୍ଗରାଜଙ୍କ ମନ୍ତ୍ରୀ କପିଳନାଥ ମହାପ୍ରଭୁଙ୍କ ମନ୍ଦିର କିପରି ବାଦ୍ ପଡିଲେ ତାହା ସନ୍ଦେହ ପ୍ରକାଶ ପାଇଛି । ସ୍ଥାନୀୟ ବିଧାୟକଙ୍କ ଉଦାସୀନତା ନା ରାଜନୈତିକ ରୋଷ ତାହା ବୁଝାପଡୁନି ।

# ସହିଦ ଭବନ ଓ କଲ୍ୟାଣମଣ୍ଡପର ପୁନରୁଦ୍ଧାର ଓ ନବୀକରଣ କାର୍ଯ୍ୟର ଶୁଭାରମ୍ଭ



**କଟକ, (ରବିନ୍ଦ୍ର ନାଥ ପାଢୀ) :** ଚୌଧୁରୀବଜାରସ୍ଥିତ କଟକ ମହାନଗର ନିଗମ(ସିଏମସି) ପରିସରରେ ଥିବା ସହିଦ ଭବନ ଓ କଲ୍ୟାଣମଣ୍ଡପର ପୁନରୁଦ୍ଧାର ଓ ନବୀକରଣ କାର୍ଯ୍ୟପବିତ୍ର ବାହୁଡା ଯାତ୍ରା ଅବସରରେ ଶୁଭାରମ୍ଭ ହୋଇଛି । ପୂର୍ବାହ୍ନରେ ମେୟର ସୁବାସ ସିଂହ ନଡିଆ ଭାଙ୍ଗି ଉଭୟ ପ୍ରକଳ୍ପ ପାଇଁ ଶୁଭ ଦେଇଥିଲେ । ଆସନ୍ତା ୬ ମାସ ମଧ୍ୟରେ ଏହି ପ୍ରକଳ୍ପ ଶେଷ କରାଯିବ ବୋଲି ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ଏହି ଦୁଇଟି ପ୍ରକଳ୍ପ ପାଇଁ ମୋଟ ୪ କୋଟି ୮୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିବା ବେଳେ ସହିଦ ଭବନ ନବୀକରଣ ପାଇଁ ୩ କୋଟି, କଲ୍ୟାଣମଣ୍ଡପ ପୁନରୁଦ୍ଧାର ପାଇଁ ୧ କୋଟି ୮୦ ଲକ୍ଷ ଟଙ୍କା ବ୍ୟୟ କରାଯିବ ବୋଲି ସିଏମସି ପକ୍ଷରୁ ସୂଚନା ଦିଆଯାଇଛି । ପ୍ରକାଶ ଥାଉକି, ସିଏମସି ପରିସରରେ ଥିବା ସହିଦ ଭବନ ଓ କଲ୍ୟାଣମଣ୍ଡପ ସାଧାରଣ ଜନତାଙ୍କ ସେବାରେ ଲାଗୁଥିଲା ବେଳେ ଏହାକୁ ଅତ୍ୟାଧୁନିକ ଭାବେ ଗଢିତୋଳି ଲୋକଙ୍କ ଚାହିଦା ପୂରଣ କରିବାକୁ ରହିଥିବା ଦୀର୍ଘ ଦିନର ଯୋଜନା ଏବେ କାର୍ଯ୍ୟକାରୀ କରାଯାଇପାରିଛି ବୋଲି ମେୟର ଶ୍ରୀ ସିଂହ କହିଛନ୍ତି ।

ସୂଚନା ମୁତାବକ, ସହିଦ ଭବନକୁ ସଂପୂର୍ଣ୍ଣ ନବୀକରଣ କରାଯିବ, ବିଶେଷକରି ଅତ୍ୟାଧୁନିକ ଲାଇଟ୍, ସାଉଣ୍ଡ୍, ଫ୍ଲୋର କାର୍ପେଟିଙ୍ଗ୍, ଲିଫ୍ଟ, ଲ୍ୟାଣ୍ଡ୍ ସ୍କେପିଙ୍ଗ, ପାର୍କିଂର ସୁବ୍ୟବସ୍ଥା ସହ ସ୍ମାର୍ଟ ଶୌଚାଳୟ, ଗ୍ରୀନ୍ ରୁମ୍‌ର ନବୀକରଣ ଓ ବାଲକୋନୀକୁ ନୂଆ ରୂପ ଦିଆଯିବ । ସେହିପରି କଲ୍ୟାଣ ମଣ୍ଡପକୁ ନୂତନ ରୂପରେଖ ଦିଆଯିବ । ଯେପରିକି ଏକାଥରକେ ଦୁଇଟି ବିବାହ ଉତ୍ସବ ବା ଅନ୍ୟ କାର୍ଯ୍ୟକ୍ରମ ହୋଇପାରିବ । ରୋଷେଇ ଓ ଷ୍ଟୋର ରୁମ୍‌କୁ ସଂପ୍ରସାରଣ କରାଯିବ । ଅଧିକ ଯାନବାହାନ ରହିଲା ଭଳି ବନ୍ଦୋବସ୍ତ କରାଯିବ । ସେହିଭଳି ଉନ୍ନତମାନର ଶୌଚାଳୟ, ଉତ୍ତମ ଜଳଯୋଗାଣ ପାଇଁ ଅତ୍ୟାଧୁନିକ ସରଞ୍ଜାମ ବ୍ୟବହାର କରାଯିବ । ଆଧୁନିକ ବିଦ୍ୟୁତ୍ ବ୍ୟବସ୍ଥା ସହ ନୂତନ ଶୈଳୀର କାନ୍ଥ ସଜ୍ଜା ଓ ଫଲ୍ସ ସିଲିଂ ବ୍ୟବସ୍ଥା କରାଯାଇ ସାଧାରଣ ଲୋକଙ୍କ ଉଦ୍ଦେଶ୍ୟରେ ସମର୍ପିତ କରାଯିବ । ଏହି କାର୍ଯ୍ୟକ୍ରମରେ ଡେପୁଟି ମେୟର ଦମୟନ୍ତୀ ମାଝି, ସିଏମସି କମିଶନର ନିଖିଳ ପଥ୍ୱନ କଲ୍ୟାଣ, ବାରବାଟୀ-କଟକ ବିଧାୟକ ଇଂ ମହମ୍ମଦ ମୋକିମ, କର୍ପୋରେଟର ଦିପ୍ତୀମୟୀ ମୁଳିଆଙ୍କ ସମେତ ବହୁ କର୍ପୋରେଟର, ବିଜେଡି ନେତା ରଂଜନ ବିଶ୍ୱାଳ ଓ ନିର୍ମାଣକାରୀ ସଂସ୍ଥା ଏନପିସିସି ଲିମିଟେଡର ଅଧିକାରୀମାନେ ଉପସ୍ଥିତ ଥିଲେ ।

# କିଟ୍ ଟିବିଆଇକୁ ବାୟୋସ୍ପେକ୍ଟ୍ରମ୍ ଏକ୍ସେଲେନ୍ସ ପୁରସ୍କାର

**ଭୁବନେଶ୍ୱର,(ଯୁବମୋର୍ଚ୍ଚା ବ୍ୟୁରୋ) :** କିଟ୍ ଟେକ୍ନୋଲୋଜି ବିଜିନେସ୍ ଇନ୍‌କ୍ୟୁବେଟର୍ (କିଟ୍-ଟିବିଆଇ)କୁ ସମ୍ମାନଜନକ ବାୟୋସ୍ପେକ୍ଟ୍ରମ୍ ଏକ୍ସେଲେନ୍ସ ପୁରସ୍କାର ୨୦୨୧-୨୨ ପ୍ରଦାନ କରାଯାଇଛି। ଦେଶର ସମସ୍ତ ଘରୋଇ ଓ ସରକାରୀ ଇନ୍‌କ୍ୟୁବେଟର ମଧ୍ୟରେ କିଟ୍ ଟିବିଆଇ ପ୍ରଥମ ସ୍ଥାନରେ ରହି ଏହି ସମ୍ମାନଜନକ ପୁରସ୍କାର ଲାଭ କରିଛି। ନୂଆଦିଲ୍ଲୀଠାରେ ଶୁକ୍ରବାର କିଟ୍ ଟିବିଆଇର ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା କିଟ୍ ବିଶ୍ୱବିଦ୍ୟାଳୟର ଗବେଷଣା ଓ ବିକାଶ ମହାନିର୍ଦ୍ଦେଶକ ପ୍ରଫେସର ମୃତ୍ୟୁଞ୍ଜୟ ସୁଆର ଏହି ପୁରସ୍କାର ଗ୍ରହଣ କରିଥିଲେ। କିଟ୍ ଟିବିଆଇ ସର୍ବାଧିକ ୨୩.୦୧ ନମ୍ବର ପାଇ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ବାଙ୍ଗାଲୋରସ୍ଥିତ ସରକାରୀ ଇନ୍‌କ୍ୟୁବେଟର ସି-କ୍ୟାମ୍ପ ୧୩.୮୪ ନମ୍ବର ପାଇ ଦ୍ୱିତୀୟ ଏବଂ ସିଏସ୍ଆଇଆର-ଏନ୍‌ସିଏଲ୍‌ର ଭେଞ୍ଚର ସେଣ୍ଟର ୧୩.୨ ନମ୍ବର ପାଇ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବାୟୋଟେକ୍ନୋଲୋଜି ଓ ଜୀବ ବିଜ୍ଞାନ ଶିଳ୍ପ ଏବଂ ବାୟୋ-ଇନ୍‌କ୍ୟୁବେଟର୍‌କୁ ପ୍ରୋତ୍ସାହିତ କରିବା ନିମନ୍ତେ ପ୍ରତିବର୍ଷ ବାୟୋସ୍ପେକ୍ଟ୍ରମ୍ ର୍‌ୟାଙ୍କିଙ୍ଗ୍ କରାଯାଇଥାଏ। କିଟ୍ ଟିବିଆଇର ଏହି ସଫଳତାରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଖୁସି ବ୍ୟକ୍ତ କରିବା ସହ ପ୍ରଫେସର ସୁଆର ଏବଂ କିଟ୍ ଟିବିଆଇ ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି। ୨୦୧୨ ମସିହାରେ ଭାରତ ସରକାରଙ୍କ ବାୟୋଟେକ୍ନୋଲୋଜି ବିଭାଗ ଇଣ୍ଡଷ୍ଟ୍ରି ରିସର୍ଚ୍ଚ ଆସିସ୍ଟାନ୍‌ସ କାଉନ୍‌ସିଲ୍ (ବିଆଇଆରଏସି) ସହଯୋଗରେ ପ୍ରତିଷ୍ଠିତ କିଟ୍ ଟିବିଆଇ ଓଡ଼ିଶା ସମେତ ଦେଶର ପୂର୍ବାଞ୍ଚଳ ଏବଂ ଉତ୍ତର ପୂର୍ବାଞ୍ଚଳରେ ବାୟୋ-ଏଣ୍ଟରପ୍ରେନର୍‌ସିପ୍‌କୁ ପ୍ରୋତ୍ସାହନ ଓ ବିକାଶ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି। କିଟ୍ ଟିବିଆଇ ସମଗ୍ର ଦେଶରେ ୨୦୦ରୁ ଊର୍ଦ୍ଧ୍ୱ ବାୟୋଟେକ୍ ଓ ଲାଇଫ୍‌ସାଇନ୍‌ସ ଆଧାରିତ ଷ୍ଟାର୍ଟଅପ୍‌କୁ ସଫଳତାର ସହ ସହଯୋଗ କରିଛି। ଏହାଛଡ଼ା ଏକ ସଶକ୍ତ ଷ୍ଟାର୍ଟଅପ୍ ଇକୋସିଷ୍ଟମ ବିକଶିତ କରିବାରେ କିଟ୍ ଟିବିଆଇର ମଧ୍ୟ ଉଲ୍ଲେଖନୀୟ ଯୋଗଦାନ ରହିଆସିଛି।




# ସୋଆରେ ଗବେଷଣା ଉପରେ ଗୁରୁତ୍ୱ : କୁଳପତି

**ଭୁବନେଶ୍ୱର, (ଯୁବମୋର୍ଚ୍ଚା ବ୍ୟୁରୋ) :** ଆନ୍ତଃବିଷୟ ଗବେଷଣା ବର୍ତ୍ତମାନ ସବୁଠାରୁ ଅଧିକ ଆବଶ୍ୟକ ହୋଇଥିବା ବେଳେ ଶିକ୍ଷା ଏବଂ ଅଭିନବ ଗବେଷଣା ଉପରେ ଅଧିକ ଗୁରୁତ୍ୱାରୋପ କରୁଥିବା ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ଏଥିରେ ଅଧିକ ମନୋନିବେଶ କରୁଛି ବୋଲି ସୋମବାର ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ କହିଛନ୍ତି। ୨୬ଟି ବିଭିନ୍ନ ବିଷୟକୁ ମନୋନୀତ କରି ବିଶ୍ୱବିଦ୍ୟାଳୟରେ ଗବେଷଣା ହେଉଥିବା ବେଳେ ଏହାର ଫ୍ୟାକଲ୍ଟି ଏବଂ ଗବେଷକମାନେ ଏହି କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବାର ଆବଶ୍ୟକତା ରହିଛି ବୋଲି ପ୍ରଫେସର ନନ୍ଦ କହିଛନ୍ତି। ସୋଆ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ ପକ୍ଷରୁ "ରିସର୍ଚ୍ଚ ମେଥଡୋଲୋଜି ଆଣ୍ଡ ପେଡାଗୋଜିସ୍ ଇନ୍ ଲିଗାଲ ଏଜୁକେସନ୍" ଶୀର୍ଷକ ଏକ ସପ୍ତାହ ବ୍ୟାପି ହୋବାକୁ ଥିବା ଫ୍ୟାକଲ୍ଟି ଡେଭଲପ୍‌ମେଂଟ ପ୍ରୋଗ୍ରାମ୍ (ଏଫ୍‌ଡିପି)ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖି ଏହା କହିଛନ୍ତି ପ୍ରଫେସର ନନ୍ଦ। ଗବେଷଣା କାର୍ଯ୍ୟକୁ ବିସ୍ତୃତ କରିବା ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିକଟରେ ସେଂଟର ଫର୍ କ୍ଲାଇମେଟ ସ୍ମାର୍ଟ ଏଗ୍ରିକଲ୍‌ଚର ଓ ସେଂଟର ଫର ବାୟୋମେଡିକାଲ୍ ରିସର୍ଚ୍ଚ ଆରମ୍ଭ କରାଯାଇଥିବା ବେଳେ ଗତ ସପ୍ତାହରେ ପାରସ୍ପରିକ ସହଯୋଗ ଓ ଗବେଷଣା ନିମନ୍ତେ ଆଇସିଏମ୍ଆର୍- ରିଜିଓନାଲ୍ ମେଡିକାଲ୍ ରିସର୍ଚ୍ଚ ସେଂଟର (ଆଇସିଏମ୍ଆର-ଆର୍‌ଏମ୍ଆରସି) ସହିତ ସୋଆର ଏକ ବୁଝାମଣା ସ୍ୱାକ୍ଷରିତ ହୋଇଛି ବୋଲି କୁଳପତି ନନ୍ଦ କହିଥିଲେ। ଜାତୀୟ ଶିକ୍ଷାନୀତି ୨୦୨୦ (ଏନ୍‌ଇପି -୨୦୨୦)ରେ ମଲ୍ଟି ଡିସିପ୍ଲିନାରୀ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ ୟୁନିଭର୍ସିଟି (ମେରୁ) କୁ ଅଧିକ ଗୁରୁତ୍ୱ ଦିଆଯାଉଥିବା ବେଳେ ଛାତ୍ରଛାତ୍ରୀମାନଙ୍କୁ ଅଧିକ ଦକ୍ଷ କରିବା ଏହାର ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି। ପ୍ରଫେସର ନନ୍ଦ କହିଥିଲେ ଯେ ସ୍କୋପସ୍ ଇଣ୍ଡେକ୍ସଡ ରିସର୍ଚ୍ଚ ପେପର ପ୍ରକାଶନ କ୍ଷେତ୍ରରେ ସୋଆ ଖୁବ୍ ଉତ୍ତମ ପ୍ରଦର୍ଶନ କରୁଥିବା ବେଳେ ଏହି ପ୍ରକାଶନର ସଂଖ୍ୟା ୧୦୭୦୦ରୁ ଊର୍ଦ୍ଧ୍ୱ ରହିଛି । ତେବେ ସମସ୍ତ ଫ୍ୟାକଲ୍ଟି ମେମ୍ବର୍ସ, ଗବେଷକ ଓ ସ୍କଲାରମାନେ ବିଶ୍ୱବିଦ୍ୟାଳୟର ମାନକୁ ଆହୁରି ଊର୍ଦ୍ଧ୍ୱକୁ ନେବା ପାଇଁ ଗବେଷଣା କ୍ଷେତ୍ରରେ ଅଧିକ ମନୋନିବେଶ କରିବା ଉଚିତ୍ ବୋଲି ସେ କହିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସ୍କୁଲ୍‌ର ଡିନ୍ ପ୍ରଫେସର ଏସ୍.ଏ.କେ ଆଜାଦ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସିନିୟର ପ୍ରଫେସର ପ୍ରବୀର କୁମାର ପଟ୍ଟନାୟକ ଏଫ୍‌ଡିପିରେ ଯୋଗ ଦେଇଥିବା ପ୍ରତିନିଧିମାନଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ଏହି ଏଫଡିପି ହାଇବ୍ରିଡ୍ ମୋଡରେ ହୋଇଥିବା ବେଳେ ପାପୁଆ ନ୍ୟୁ ଗିନି ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜିର ମେକାନିକାଲ୍ ଇଞ୍ଜିନିୟରିଂ ବିଭାଗର ଆସୋସିଏଟ୍ ପ୍ରଫେସର ଡକ୍ଟର କମଳାକାନ୍ତ ମୁଦୁଲି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପରବର୍ତ୍ତୀ ଦିନଗୁଡ଼ିକରେ କୋଲକାତା ସ୍ଥିତ ବଜ୍‌ବଜ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଏମ୍‌ବିଏ ବିଭାଗର ଆସୋସିଏଟ୍ ପ୍ରଫେସର ଡକ୍ଟର ପ୍ରବାଲ ଚକ୍ରବର୍ତ୍ତୀ ଏବଂ ପାପୁଆ ନ୍ୟୁ ଗିନି ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜିର ସର୍ଭେଇଙ୍ଗ୍ ଆଣ୍ଡ ଲ୍ୟାଣ୍ଡ ଷ୍ଟଡିଜ୍ ବିଭାଗର ଆସୋସିଏଟ୍ ପ୍ରଫେସର ଡକ୍ଟର ସୁଜୟ କୁମାର ଜାନା ପ୍ରମୁଖ ବିଶେଷଜ୍ଞ ଅନ୍‌ଲାଇନ୍ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।



# ଆବାସ ତାଲିକାରେ ସାମିଲ ଦାବିରେ ଜିଲ୍ଲାପାଳଙ୍କୁ ଫେରାଦ

**ବାଲେଶ୍ୱର, (ଦୀପକ କୁମାର ରାଉତ) :** ପ୍ରଧାନମନ୍ତ୍ରୀ ଆବାସ ତାଲିକାରେ ବଞ୍ଚିତ ଯୋଗ୍ୟ ହିତାଧିକାରୀ ଜିଲାପାଳଙ୍କ ଠାରେ ଫେରାଦ ହୋଇଛନ୍ତି। ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ଓଡ଼ଙ୍ଗୀ ପଞ୍ଚାୟତର ଏହି ବଞ୍ଚିତ ହିତାଧିକାରୀମାନେ ଜିଲାପାଳଙ୍କୁ ସାକ୍ଷାତ ସହ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ ଦୀର୍ଘ ଦେଢ଼ବର୍ଷ ପୂର୍ବରୁ ବ୍ଲକ ପକ୍ଷରୁ ପ୍ରକାଶିତ ତାଲିକାରେ ସେମାନଙ୍କ ନାମ ରହିଥିଲା। ବିଭାଗୀୟ ଅଧିକାରୀଙ୍କ ଯାଞ୍ଚରେ ସେମାନେ ଯୋଗ୍ୟ ହିତାଧିକାରୀ ବୋଲି ବି ଅଧିକାରୀମାନେ କହିଥିଲେ। ମାତ୍ର ଏବେ ଚୂଡ଼ାନ୍ତ ତାଲିକାରେ ସେମାନଙ୍କ ନାମ ନ ରହିବାକୁ ନେଇ ଗ୍ରାମବାସୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସର୍ଭେ ପାଇଁ ଯାଇଥିବା ସରକାରୀ କର୍ମଚାରୀଙ୍କୁ ପ୍ରଭାବିତ କରି କିଛି କିଛି ନ୍ୟସ୍ତସ୍ୱାର୍ଥ ଛାମୁଆ ନେତା ସେମାନଙ୍କୁ ତାଲିକାରୁ ବାଦ ପକାଇଥିବା ସେମାନେ ଆରୋପ କରିଛନ୍ତି। ଯୋଗ୍ୟ ହିତାଧିକାରୀ ହୋଇ ମଧ୍ୟ ସେମାନଙ୍କୁ ତାଲିକାରୁ ବାଦ ଦିଆଯାଇଥିବା ଗ୍ରାମବାସୀମାନେ କହିଛନ୍ତି। ପୂର୍ବରୁ ଓଡ଼ଙ୍ଗୀ ପଞ୍ଚାୟତରେ ୨୫୦ରୁ ଅଧିକ ଯୋଗ୍ୟ ହିତାଧିକାରୀ ଚିହ୍ନଟ କରାଯାଇଥିବା ବେଳେ ଏବେ ମାତ୍ର ୪୯ଜଣ ଆବାସ କାର୍ଯ୍ୟାଦେଶ ପାଇଛନ୍ତି। ଏ ବାବଦରେ ତଦନ୍ତ ସହ ଉଚିତ ପଦକ୍ଷେପ ନେବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେମାନେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ପଦ୍ମଲୋଚନ ଦାସ, ସୁକାନ୍ତୀ ଦାସ, କନକଲତା ରାଉତ, ଖଗେଶ୍ୱର ଦାସ, ଗୀତା ସାମଲ, ରଞ୍ଜୀତା ଦାସ, ବାସନ୍ତୀ ସେଠି, ଗୀତା ମହାପାତ୍ର, ନୟନା ମହାଳିକ, ସୁଦାନା ମହାଳିକ, ଲକ୍ଷ୍ମୀମଣି ରାଉତ, ମଧୁସୂଦନ ମହାଳିକ, ମମତା ମହାପାତ୍ର, ମୀତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଚାଷୀ ଓ ଚାଷକୁ ସବୁଠୁ ଅଧିକ ଅଗ୍ରାଧିକାର ଦେଇଛନ୍ତି ମୋଦି ସରକାର : ବିଜେପି

**ଭୁବନେଶ୍ୱର, (ଯୁବମୋର୍ଚ୍ଚା ବ୍ୟୁରୋ)** : କେନ୍ଦ୍ର କ୍ୟାବିନେଟର ନିଷ୍ପତି ଅନୁଯାୟୀ ଆସନ୍ତା ୩ ବର୍ଷ ପାଇଁ (୨୦୨୨-୨୩, ୨୦୨୩-୨୪, ୨୦୨୪-୨୫ ଆର୍ଥିକ ବର୍ଷ) ୟୁରିଆ ସାର ସବସିଡି ପ୍ରଦାନ ବାବଦରେ କେନ୍ଦ୍ର ସରକାର ୩.୭୦ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ବହନ କରିବେ । ସେହିପରି ଗୋବର୍ଦ୍ଧନ ଯୋଜନାରେ ଖର୍ଚ୍ଚ ହେବ ଆହୁରି ୧୪୫୧କୋଟି ଟଙ୍କା। ଏଥର ପୂର୍ବରୁ ମୃତିକାର ସଲଫର ଅଭାବ ଦୂର କରିବା ପାଇଁ ଚାଷୀଙ୍କୁ ଦିଆଯିବ ସଲଫର କୋଟେଡ ୟୁରିଆ (ୟୁରିଆ ଗୋଲ୍ଡ)। ନିମ୍ କୋଟେଡ ୟୁରିଆ, ନାନୋ ୟୁରିଆର ପ୍ରଚଳନ ଦ୍ୱାରା ଜମିର ଉର୍ବରତା ବୃଦ୍ଧି ପାଇବା ସହ କୃଷକର ଖର୍ଚ୍ଚ ମଧ୍ୟ ହ୍ରାସ ପାଇବ । ୟୁରିଆ ସାରର ବାସ୍ତବ ମୂଲ୍ୟ ବସ୍ତା ପ୍ରତି ୨୨୦୦ ଟଙ୍କା ହୋଇଥିବାବେଳେ କେନ୍ଦ୍ର ସରକାର ସବସିଡି ପ୍ରଦାନ କରି ମାତ୍ର ୨୪୨ ଟଙ୍କାରେ ଏହା ଚାଷୀଙ୍କୁ ଉପଲବ୍ଧ କରାଉଛନ୍ତି । କେନ୍ଦ୍ର ସରକାର ୨୦୧୪-୧୫ ରେ ଉର୍ବରକ ସବସିଡି ପାଇଁ ୭୩,୦୬୭ କୋଟି ବହନ କରିଥିବାବେଳେ ୨୦୨୨-୨୩ରେ ୨,୫୪,୭୯୯ କୋଟି ଖର୍ଚ୍ଚ ଟଙ୍କା ବହନ କରିଛନ୍ତି । ଏହା ନିଶ୍ଚିତ ଭାବେ ଏକ ସ୍ୱାଗତଯୋଗ୍ୟ ଏବଂ ଐତିହାସିକ ପଦକ୍ଷେପ ବୋଲି କହିବା ସହିତ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ସମବାୟ ବିଭାଗ ମନ୍ତ୍ରୀ ଶ୍ରୀ ଅମିତ ଶାହାଙ୍କୁ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି । ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ଏବଂ ୮୦ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରନ୍ତି। ଚାଷୀଙ୍କ ଅର୍ଥନୀତି ସୁଦୃଢ଼ ହେଲେ ଦେଶର ଅର୍ଥନୀତି ସୁଦୃଢ଼ ହେବ।





ଏଥିଲାଗି କୃଷକଙ୍କ ଆୟକୁ ଦିଗୁଣିତ କରିବା ପାଇଁ ମୋଦି ସରକାର ବଦ୍ଧପରିକର। ମୋଦି ସରକାର ୨୦୧୪ରେ ଶାସନ କ୍ଷମତାକୁ ଆସିବା ପରେ କୃଷକଙ୍କ କଲ୍ୟାଣ ପାଇଁ ପର୍ଯ୍ୟାୟକ୍ରମେ ଗୋଟିଏ ପରେ ଗୋଟିଏ ଯୋଜନାର କାର୍ଯ୍ୟାନ୍ୱୟନ କରିଚାଲିଛନ୍ତି। ଏହି ଯୋଜନା ଗୁଡିକ ହେଲା ଚାଷୀଙ୍କ ପାଇଁ ପିଏମ କିଷାନ ସମ୍ମାନ ନିଧି ଯୋଜନା, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା, ସଏଲ ହେଲ୍ଥ କାର୍ଡ, ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା, ଇ-ନାମ (ନ୍ୟାସନାଲ ଏଗ୍ରିକଲଚର ମାର୍କେଟ), ପ୍ରଧାନମନ୍ତ୍ରୀ ଆତ୍ମନିର୍ଭର ଭାରତ ଅଭିଯାନ, ପ୍ରଧାନମନ୍ତ୍ରୀ କୃଷି ସିଂଚାଇ ଯୋଜନା, ପରମ୍ପରାଗତ କୃଷି ବିକାଶ ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସଂପଦ ଯୋଜନା ଇତ୍ୟାଦି ଯୋଜନାମାନଙ୍କର କାର୍ଯ୍ୟାନ୍ୱୟନ କରିଛନ୍ତି। ମୋଦିଜୀ ଶାସନ କ୍ଷମତାକୁ ଆସିବା ପରେ ବିଭିନ୍ନ ଖାଦ୍ୟଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ କ୍ରମାଗତ ଭାବେ ବୃଦ୍ଧି ପାଇଛି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଂଟାଲ ପିଛା ୧୩୪୦ଟଙ୍କାରୁ ୨୧୮୩ଟଙ୍କାକୁ ବୃଦ୍ଧି ପାଇଛି । ଚାଷୀମାନଙ୍କର ଭାର ଲାଘବ କରିବା ପାଇଁ କେନ୍ଦ୍ର ସରକାର ଅନବରତ ଚେଷ୍ଟା ଜାରି ରଖିଥିବାରୁ ଶ୍ରୀ ସାମଲ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ସରକାରଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରିଛନ୍ତି । କେନ୍ଦ୍ର ସରକାରଙ୍କର ସମସ୍ତ ଯୋଜନା ରାଜ୍ୟ ସରକାରଙ୍କ ନିକଟରେ ଆସି ପଡିରହୁଛି, ଲାଭାର୍ଥୀଙ୍କ ନିକଟରେ ଏହା ପହଁଚିପାରୁନାହିଁ। କୃଷି ଓ ସମବାୟ କ୍ଷେତ୍ରରେ ଓଡିଶାର ଚାଷୀଙ୍କ ବିକାଶ ପାଇଁ ଆସିଥିବା ଟଙ୍କାକୁ ରାଜ୍ୟ ସରକାର ସଠିକ୍ ବ୍ୟବହାର କରନ୍ତୁ ବୋଲି ଶ୍ରୀ ସାମଲ ପରାମର୍ଶ ଦେଇଛନ୍ତି।

# ଦିଲ୍ଲୀର ହାଉଜଖାସ ଜଗନ୍ନାଥ ମନ୍ଦିରରେ ବାହୁଡ଼ା ଯାତ୍ରା ସମ୍ପନ୍ନ

ନୂଆଦିଲ୍ଲୀ : ନୂଆଦିଲ୍ଲୀର ହାଉଜଖାସସ୍ଥିତ ଜାତୀୟ ରାଜଧାନୀ କ୍ଷେତ୍ରର ପ୍ରମୁଖ ଜଗନ୍ନାଥ ମନ୍ଦିରଠାରେ ୪୫ତମ ପବିତ୍ର ବାହୁଡ଼ା ଯାତ୍ରା ପର୍ବ ଆଧାତ୍ମିକ ଉଲ୍ଲାସ ଓ ଭକ୍ତିପୂତ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ମହୋତ୍ସବ ଉପଲକ୍ଷେ ବଡ଼ି ଭୋରରୁ ମୁଖ୍ୟ ମନ୍ଦିରର ବେସମେଣ୍ଟସ୍ଥିତ ଶ୍ରୀ ଗୁଣ୍ଡିଚା ମନ୍ଦିରର ଆଡ଼ପ ମଣ୍ଡପରେ ବିରାଜମାନ କରୁଥିବା ଦୀଅଁ ମାନଙ୍କ ସାମ୍ନାରେ ପୂଜାର୍ଚ୍ଚନା ଓ ନୀତିକାନ୍ତି ଧାର୍ମିକ ବିଧି ମୁତାବକ ସମ୍ପନ୍ନ କରାଯାଇଥିଲା। ଏହା ପରେ ଦିନ ୪ଟା ବେଳେ ହରିବୋଲ, ହୁଳହୁଳି, ଜୟ ଜଗନ୍ନାଥ ଏବଂ ଶଙ୍ଖ ଧ୍ୱନି ତଥା ବାଦ୍ୟ, କୀର୍ତ୍ତନର ତାଳେ ତାଳେ ଚାରି ଠାକୁରଙ୍କୁ ପୂଜକ ଓ ଭକ୍ତ ମାନେ ଧାଡ଼ି ପହଣ୍ଡି କରି ମନ୍ଦିର ସାମ୍ନା ସ୍ଥିତ ବଡ଼ଦାଣ୍ଡରେ ଦଣ୍ଡାୟମାନ ଥିବା ସୁନ୍ଦର, ସୁଶୋଭିତ ରଥ ଉପରକୁ ନେଇଯାଇଥିଲେ। ଅପରାହ୍ଣ ସାଢେ ୪ଟା ସମୟରେ ମୁଖ୍ୟ ଅତିଥି ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ନ୍ୟାୟମୂର୍ତ୍ତି ଅରିଜିତ ପଶାୟତ ପାରମ୍ପାରିକ ଛେରା ପହଁରା କାର୍ଯ୍ୟ ସମ୍ପନ୍ନ କରିଥିଲେ। ମନ୍ଦିର ପରିଚାଳନା କମିଟି ଶ୍ରୀ ନୀଳାଚଳ ସେବା ସଂଘର ସମ୍ପାଦକ ଓ ବିଶିଷ୍ଟ ସମାଜସେବୀ ରବୀନ୍ଦ୍ର ନାଥ ପ୍ରଧାନ ତାଙ୍କୁ ଏହି କାର୍ଯ୍ୟରେ ସହଯୋଗ କରିଥିଲେ। ଏହାପରେ ସନ୍ଧ୍ୟା ୫ଟା ବେଳେ ରଥଟଣାର ଶୁଭାରମ୍ଭ ହୋଇଥିଲା। ହାଉଜଖାସ ଭିଲେଜ ସ୍ଥିତ ଶ୍ରୀ ଜଗନ୍ନାଥ ମାର୍ଗରେ ଅରବିନ୍ଦ ପ୍ଲେସ ମାର୍କେଟ ପର୍ଯ୍ୟନ୍ତ ରଥଟିକୁ ଟଣାଯାଇ ପୁଣି ମନ୍ଦିର ବେଢ଼ା ନିକଟକୁ ଫେରାଇ ଅଣାଯାଇଥିଲା। ଦିଲ୍ଲୀର ରାଜ ରାସ୍ତାରେ ରାଜକୀୟ ରଥ ଉପରେ ପ୍ରବଳ ପ୍ରତାପୀ ଠାଣିରେ ଭଗବାନଙ୍କର



ବାହୁଡ଼ାଯାତ୍ରା ଏବଂ ଜନଗହଳି ମଧ୍ୟରେ ଭକ୍ତ ଓ ଭଗବାନଙ୍କର ଅପୂର୍ବ ଚକ୍ଷୁ ମିଳନର ଦୃଶ୍ୟ ବେଶ୍ ହୃଦୟସ୍ପର୍ଶୀ ଥିଲା। ମନ୍ଦିର ଅଗଣାକୁ ଫେରିବା ପରେ ରଥ ଉପରେ ବିଦ୍ୟମାନ ଜଗତର ନାଥ ଶ୍ରୀ ଜଗନ୍ନାଥ, ବଡ଼ଭାଇ ଶ୍ରୀ ବଳଭଦ୍ର, ଦେବୀ ସୁଭଦ୍ରା ଓ ପ୍ରଭୁ ସୁଦର୍ଶନ, ଭକ୍ତ ମାନଙ୍କୁ ଦିବ୍ୟ ଦର୍ଶନ ପ୍ରଦାନ କରିଥିଲେ। ବିଳମ୍ବିତ ରାତିରେ ପୁଣି ସାହିରୋଷଣୀ କରାଯାଇ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ରଥ ଉପରୁ ନିଆଯାଇ ନାଟ୍ୟ ମଣ୍ଡପଠାରେ ଆସୀନ କରାଯାଇଥିଲା। ମହାପ୍ରଭୁ ନାଟ୍ୟମଣ୍ଡପ ଠାରେ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ଅବସ୍ଥାନ କରିବେ ବୋଲି ମନ୍ଦିର ପରିଚାଳନା କମିଟି ସୂତ୍ରରୁ ପ୍ରକାଶ। ବାହୁଡ଼ା ଯାତ୍ରାକୁ ଦକ୍ଷତାର ସହିତ ଆୟୋଜନ ଓ ସଫଳତାର ସହିତ ସମାପନ କରିବାରେ ମନ୍ଦିର ପରିଚାଳନା କମିଟିର ଉପଦେଷ୍ଟା ରବି ପାଣି, ଅବନୀ ସାହୁ, ଦୀପକ ରଥ, ସଭାପତି ବିଘ୍ନେଶ୍ୱର ରାଉତ, ସମ୍ପାଦକ ରବୀନ୍ଦ୍ର ନାଥ ପ୍ରଧାନ, ଅଭୟ ପ୍ରଧାନ, ଅଶୋକ ପ୍ରଧାନ (ଏ), କ୍ଷୀରୋଦ ପାତ୍ର, ଗଜେନ୍ଦ୍ର ସାମନ୍ତ, ଅଭିରାମ ସୁତାର, ଅଶୋକ ପ୍ରଧାନ (ବି), ଜୀତେନ୍ଦ୍ର ମହାପାତ୍ର, ଅଜୟ ପ୍ରଧାନ, ପଙ୍କଜ ମହାନ୍ତି, ନିଶିଦ୍ଧ କୁମାର ଦାଶ, ରଙ୍କନିଧି ସାହୁ, ବିଜୟ ସାହୁ, ଦିଲ୍ଲୀପ କୁମାର ସ୍ୱାଇଁ, କିଶୋର ସାମଲ, ଅମୂଲ୍ୟ ଓଝା, ସୁକାନ୍ତ ସାହୁ ଏବଂ ମନ୍ଦିରର ପରିଚାଳକ ରଶ୍ମୀ ରଞ୍ଜନ ବେହେରା ତଥା ସହ ପରିଚାଳକ ଶଶିକାନ୍ତ ସାହୁ, ସଞ୍ଜୀବ ଜେନା ଏବଂ ମନ୍ଦିରର ପୂଜକ ସନାତନ ପାଢ଼ୀ, ଦେବବ୍ରତ ମିଶ୍ର, ଜଗବନ୍ଧୁ ଦାଶ, ପ୍ରେମାନନ୍ଦ ଶତପଥୀ, ସନ୍ତୋଷ ପଣ୍ଡା ଓ ପ୍ରଶାନ୍ତ ଦାଶ ପ୍ରମୁଖଙ୍କର ଭୂମିକା ଉଲ୍ଲେଖଯୋଗ୍ୟ ଥିଲା।

# ଡାଲମିଆ ଭାରତ ଓଡ଼ିଶାର ଅଗ୍ରଣୀ ରଥ ଶିଳ୍ପକାରଙ୍କୁ କଲା ସମ୍ମାନିତ

**ଭୁବନେଶ୍ୱର, (ଯୁବମୋର୍ଚ୍ଚା ବ୍ୟୁରୋ)** : ଭାରତର ଅଗ୍ରଣୀ ସିମେଣ୍ଟ ଉତ୍ପାଦନକାରୀ ଡାଲମିଆ ଭାରତ ଲିମିଟେଡ (ଡିବିଏଲ୍) ତାହାର 'ସାଲ୍ୟୁଟିଂ ଦି ଏକ୍ସପର୍ଟ' ପ୍ରୟାସର ଅଂଶସ୍ୱରୂପ ପୁରୀରେ ରଥଯାତ୍ରା ଅବସରରେ ଆଜି ଖ୍ୟାତିସମ୍ପନ୍ନ ରଥ ଶିଳ୍ପକାରମାନଙ୍କୁ ସମ୍ମାନିତ କରିଛି। ଓଡ଼ିଶାର ରଥ ଶିଳ୍ପକାର ଏବଂ ଡାଲମିଆ ଡିଏସ୍‌ପି ସିମେଣ୍ଟ 'ଢଳାଇ ଏକ୍ସପର୍ଟ' ପକ୍ଷରୁ ଯୋଗାଇ ଦିଆଯାଉଥିବା ବିଦ୍ୱତା ମଧ୍ୟରେ ପୂର୍ବାଞ୍ଚଳରେ ଥିବା ସମାନତାକୁ ପାଳନ କରିବାକୁ ଯାଇ କମ୍ପାନୀ ଚାରିଜଣ ବିଖ୍ୟାତ ଶିଳ୍ପକାରଙ୍କୁ ସେମାନଙ୍କର ଉଚ୍ଚକୋଟୀର କାରିଗରୀ ପାଇଁ ଡିଏସ୍‌ପି ଏକ୍ସପର୍ଟ ରଥ ଶିଳ୍ପକାର ସମ୍ମାନ ପ୍ରଦାନ କରିଛି। ଏହି ଉତ୍ସବରେ ଶ୍ରୀ ନାରାୟଣ ମହାରଣା, ଶ୍ରୀ ଗଣେଶ୍ୱର ମହାପାତ୍ର (ରୂପକାର), ଶ୍ରୀ ଦେବଦତ୍ତ ମହାରଣା (ଚିତ୍ରକର) ଏବଂ ଶ୍ରୀ ଜଗନ୍ନାଥ ମହାରଣାଙ୍କ ହସ୍ତନିର୍ମିତ ରଥଗୁଡିକ ସମ୍ମୁଖରେ ସମ୍ମାନିତ କରାଯାଇଥିଲା। ସେମାନଙ୍କୁ ଏକ ପ୍ରଶସ୍ତି ଫଳକ, ଏକ ଶାଲ୍ ଏବଂ ୧୦ ହଜାର ଟଙ୍କାର ଅର୍ଥ ପୁରସ୍କାର ସମ୍ମାନ ଆକାରରେ ପ୍ରଦାନ କରାଯାଇଥିଲା।

୨୦୨୨ରେ ଆରମ୍ଭ ହୋଇଥିବା ଡାଲମିଆ ଭାରତର 'ସାଲ୍ୟୁଟିଂ ଦି ଏକ୍ସପର୍ଟ' ପ୍ରୟାସ ମହାରଣା ସମୁଦାୟଙ୍କ ନିମନ୍ତେ ଉତ୍ସର୍ଗୀକୃତ, ଯେଉଁମାନେ ରଥ ନିର୍ମାଣ କରି ଓଡ଼ିଶାର ଅନନ୍ୟ କାରିଗରୀ ପରମ୍ପରାକୁ ସଂରକ୍ଷିତ ରଖିବା ସହିତ ରାଷ୍ଟ୍ରର ସମୃଦ୍ଧ ସାଂସ୍କୃତିକ ବିବିଧତା ସହିତ ଯୋଗ କରୁଛନ୍ତି। ସେମାନଙ୍କର ବିଶାରଦ କାରିଗରୀ ଚାତୁରୀ ଏବଂ ଦୃଢ ଏକାଗ୍ରତା ଜରିଆରେ ସେମାନେ ଅତି ଯତ୍ନର ସହିତ ବିଶ୍ୱସ୍ତରରେ ସ୍ୱୀକୃତ ଜଗନ୍ନାଥ ରଥ ଯାତ୍ରା ଏବଂ ଏହାର ମହାର୍ଘ ପ୍ରଥାକୁ ବଜାୟ ରଖିଛନ୍ତି ଏବଂ ଏହାର ନିରନ୍ତରତା ତଥା ଗରିମାକୁ ସୁନିଶ୍ଚିତ କରୁଛନ୍ତି। ଏହି ଅବସରରେ ପ୍ରକାଶ କରି କମ୍ପାନୀର ମୁଖପାତ୍ର କହିଥିଲେ, "ରାଜ୍ୟ ଏବଂ ଏହାର ଜନସାଧାରଣଙ୍କ ସହିତ ଡାଲମିଆ ଭାରତର ଦୀର୍ଘବର୍ଷର ସଂପୃକ୍ତି ଆମକୁ ଓଡ଼ିଶା ଏବଂ ଏହାର ପରମ୍ପରାର ଅବିଚ୍ଛେଦ୍ୟ ଅଙ୍ଗରେ ପରିଣତ କରିଛି। ଆମେ ସେହି ରଥ ଶିଳ୍ପକାରମାନଙ୍କୁ ସମ୍ମାନିତ କରି ଗୌରବାନ୍ୱିତ



ମନେକରୁଛୁ, ଯେଉଁମାନଙ୍କର ବିଦ୍ୱତା ଅତୁଳନୀୟ ଏବଂ ଯାହା ଆମ ରାଷ୍ଟ୍ରର ଅନନ୍ୟ ଐତିହ୍ୟ କଳାକୃତିକୁ ସଂରକ୍ଷିତ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଏହି ସମୁଦାୟଙ୍କ ସହିତ ଆମେ ନିବିଡ ଭାବରେ ସଂଯୁକ୍ତ ରହିଥିବା ମନେକରୁଛୁ ଏବଂ ଏହାର ସମୃଦ୍ଧ ପରମ୍ପରାକୁ ପାଳନ କରୁଛୁ ତଥା ଏକତ୍ରିତ ହେବାର ପ୍ରତିଟି ମୁହୂର୍ତ୍ତକୁ ନେଇ ଆନନ୍ଦ ଅନୁଭବ କରୁଛୁ।" ଭୁବନେଶ୍ୱରରେ ଆୟୋଜିତ ଏକ ପୃଥକ କାର୍ଯ୍ୟକ୍ରମରେ ଡିଲର ସହଭାଗୀ ସଞ୍ଜୟ କୁମାର ବିଜୟ କୁମାରଙ୍କ ସହିତ ମିଳିତ ଭାବରେ ଏକ ପୃଥକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା, ଯେଉଁଠାରେ ସେମାନଙ୍କ ଡିଲର ସ୍ଥଳରେ ଏକ ରଥ ନିର୍ମାଣ କରାଯାଇ ସମସ୍ତ ସହଭାଗୀ-ବିଶେଷକରି ଯେଉଁମାନେ ପୁରୀ ରଥଯାତ୍ରାରେ ଯୋଗଦେବାକୁ ଅସମର୍ଥ, ସେମାନଙ୍କ ସହିତ ମିଳିତ ଭାବରେ ରଥଯାତ୍ରା ପାଳନ କରାଯାଇଥିଲା, କମ୍ପାନୀ ମଧ୍ୟ ଏହି କାର୍ଯ୍ୟକ୍ରମରେ ୨୦ ଜଣ ଠିକାଦାରଙ୍କୁ ସମ୍ବର୍ଦ୍ଧିତ କରିଥିଲା। ସ୍ୱତନ୍ତ୍ର ପ୍ରୟାସ ଭାବରେ ଅବହେଳିତ ପିଲାମାନଙ୍କର ଯତ୍ନ ନେଉଥିବା ରାମକୃଷ୍ଣ ବାଳାଶ୍ରମ ସୁନ୍ଦରପୁର, ଚନ୍ଦକାର ୩୦ ଜଣ ସ୍ୱତନ୍ତ୍ର ପିଲାଙ୍କୁ ରଥଯାତ୍ରା ଉତ୍ସବର ଭାବକୁ ଅନୁଭବ କରିବା ଏବଂ ଏହା ପାଳନ କରିବା ନିମନ୍ତେ ଏହି ଉତ୍ସବକୁ ଆମନ୍ତ୍ରଣ କରାଯାଇଥିଲା। ଉତ୍ସବ ସମ୍ପର୍କରେ ପିଲାମାନଙ୍କର ଅନୁଭବ ଏବଂ ମାନସିକତାର ଅଭିବ୍ୟକ୍ତିକୁ ଉତ୍ସବ ସ୍ଥଳରେ ଏକ କଳା ରୂପରେ ପ୍ରଦର୍ଶନ କରାଯାଇଥିଲା। ଉତ୍ସବରେ ଡାଲମିଆ ସିମେଣ୍ଟର ସମସ୍ତ ପ୍ରମୁଖ ପୃଷ୍ଠପୋଷକଗଣ ଉପସ୍ଥିତ ଥିଲେ। ସ୍ୱଚ୍ଛ ଭାରତ ଅଭିଯାନ ଅଧୀନରେ ଡାଲମିଆ ସିମେଣ୍ଟ ଭାରତ ଲିମିଟେଡର କପିଳାସ ସିମେଣ୍ଟ ମାନୁଫାକ୍‌ଚରିଂ ୱର୍କସ୍, କଟକ ପକ୍ଷରୁ ପୁରୀ ବଡଦାଣ୍ଡରେ ଜିଲ୍ଲାପାଳ, ପୌରସଂସ୍ଥା ଏବଂ ସ୍ମାର୍ଟସିଟି ପୁରୀ କର୍ତ୍ତୃପକ୍ଷଙ୍କ ସମର୍ଥନରେ 'ପରିମଳ ସେବା' ନାମରେ ଏକ ସଫେଇ ଅଭିଯାନ ହାତକୁ ନିଆଯାଇଥିଲା। ୩୦ ଜଣ କର୍ମଚାରୀ ଓ ଶ୍ରମିକ ଏହି ମହତ୍ ଉଦ୍ଦେଶ୍ୟରେ ଯୋଗଦେବାକୁ ସ୍ୱେଚ୍ଛାକୃତ ଭାବେ ଆଗେଇ ଆସିଥିଲେ, ଏଥିସହିତ କମ୍ପାନୀ ପକ୍ଷରୁ ରଥଯାତ୍ରା ଶ୍ରଦ୍ଧାଳୁଙ୍କୁ ଜଳଖିଆ ଏବଂ ପାନୀୟ ଜଳ ବଣ୍ଟନ କରାଯାଇଥିଲା। ରାମକୃଷ୍ଣ ବାଳାଶ୍ରମ ସୁନ୍ଦରପୁର ଚନ୍ଦକା

# ନେଦରଲ୍ୟାଣ୍ଡସରେ ମହାସମାରୋହରେ ରଥଯାତ୍ରା ପାଳିତ

ଆଲମେରେ : ନେଦରଲ୍ୟାଣ୍ଡସର ଆଲମେରେ ନଗରରେ ମହାସମାରୋହରେ ରଥ ଯାତ୍ରା ଉତ୍ସବ ପାଳନ କରାଯାଇଛି। ଓଡ଼ିଆ ସୋସିଓ କଲଚରାଲ ଆସୋସିଏସନ, ନେଦରଲ୍ୟାଣ୍ଡସ(ଓସକାନ) ଦ୍ୱାରା ଏହି ରାଷ୍ଟ୍ରରେ ପ୍ରଥମ ଥର ପାଇଁ ଆୟୋଜନ କରାଯାଇଥିବା ଘୋଷଯାତ୍ରା ମହୋତ୍ସବକୁ କେନ୍ଦ୍ର କରି ଉଭୟ ସଂଗଠକ ଓ ଶ୍ରଦ୍ଧାଳୁ ମାନଙ୍କ ମଧ୍ୟରେ ପ୍ରବଳ ଆନନ୍ଦ, ଅପୂର୍ବ ଉଲ୍ଲାସ, ଅଜସ୍ର ଉତ୍ସାହ, ଅସୀମ ଉନ୍ମାଦନା ଏବଂ ଅଫୁରନ୍ତ ଉଦ୍ଦୀପନା ଦେଖାଦେଇଥିବା ଲକ୍ଷ୍ୟ କରାଯାଇଥିଲା। ଏହି ଅବସରରେ ନେଦରଲ୍ୟାଣ୍ଡସର କୋଣ ଅନୁକୋଣରୁ ଶତାଧିକ ଓଡ଼ିଆ ଏବଂ ଅଣଓଡ଼ିଆ ଭକ୍ତ ସେମାନଙ୍କର ପରିବାରବର୍ଗ ଓ ବନ୍ଧୁପରିଜନଙ୍କ ସହିତ ଆସି ବଢ଼ି ଚଢ଼ିକି ରଥ ଟଣା ଏବଂ ଭଜନ କୀର୍ତ୍ତନରେ ଭାଗ ନେବାର ଦୃଶ୍ୟ ହୃଦୟସ୍ପର୍ଶୀ ଥିଲା। ରଥଯାତ୍ରା ଦିନ ସକାଳେ ଆଲମେରେର ଆଉଦ୍ରେହେପବର୍ଣ୍ଣ ସ୍ୱାଟଠାରେ ବିରାଜମାନ ଥିବା ଚତୁର୍ଦ୍ଧାମୂର୍ତ୍ତିଙ୍କ ସାମ୍ନାରେ ପୂଜକଙ୍କ ଦ୍ୱାରା ସ୍ୱତନ୍ତ୍ର ପୂଜାର୍ଚ୍ଚନା ଏବଂ ନୀତିକାନ୍ତି ଧାର୍ମିକ ବିଧି ମୁତାବକ ସମ୍ପନ୍ନ କରାଯାଇଥିଲା। ଏହାପରେ ଠାକୁର ମାନଙ୍କୁ ରଥ ଉତ୍ସବର ସ୍ଥଳ ଦି ରୁଇମଟ ପ୍ରେକ୍ଷାଳୟକୁ ଅଣାଯାଇଥିଲା। ଏହି ଉପଲକ୍ଷେ ସଭାଗୃହକୁ ରଙ୍ଗବେରଙ୍ଗର ପିପିଲି ଚାନ୍ଦୁଆ, ବିଭିନ୍ନ ପ୍ରକାର ଫୁଲ, ଆମ୍ବପତ୍ର, ଚିତା, ମୁରୁଜ ଦ୍ୱାରା ଅତ୍ୟନ୍ତ ଚିତ୍ତାକର୍ଷକ ଭାବେ ସଜାଯାଇଥିଲା। ସମଗ୍ର ପରିବେଶଟି ଆଧ୍ୟାତ୍ମିକ ଓ ଭକ୍ତିପୂତ ଉତ୍ସ୍ୱାସରେ ଭରି ଉଠିଥିଲା। ଦିଅଁମାନଙ୍କୁ ପ୍ରେକ୍ଷାଳୟର ମଧ୍ୟ ଭାଗରେ ଶୋଭାପାଉଥିବା ସୁନ୍ଦର ଓ ସୁସଜ୍ଜିତ ରଥ ଉପରକୁ ଧାଡୀ ପହଣ୍ଡି କରି ନିଆଯାଇଥିଲା।



ଉପସ୍ଥିତ ଦର୍ଶକ ମାନଙ୍କର ହରିବୋଲ, ହୁଳହୁଳି, ଜୟ ଜଗନ୍ନାଥ ଧ୍ୱନି ଏବଂ ଶଙ୍ଖ, ଘଣ୍ଟ, କରତାଳ, ମର୍ଦ୍ଦଳ, ଝାଞ୍ଜ ଓ ମୃଦଙ୍ଗ ବାଜଣାର ଗହ ଗହ ନାଦ ତଥା ଭଜନ, କୀର୍ତ୍ତନର ମୃଦ୍ୟୁମନ୍ଦ ଆବାଜରେ ଗଗନ ପବନ ପ୍ରକମ୍ପିତ ହୋଇଉଠିଥିଲା।ଏହାପରେ ରଥ ଉପରେ ଜୀଉ ମାନଙ୍କର ଆରତୀ ଅନୁଷ୍ଠିତ ହୋଇଥିଲା। ଦିନ ସାଢେ ୧୨ଟା ସମୟରେ ବହୁ ଆକାଂକ୍ଷିତ ଓ ଦୀର୍ଘ ପ୍ରତିକ୍ଷିତ ରଥଟଣା ପର୍ବ ଆରମ୍ଭ ହୋଇଥିଲା। ମହାବାହୁ ତଥା ତାଙ୍କର ଭାଇ ଓ ଭଉଣୀ ବିଜେ କରିଥିବା ରଥଟିକୁ ଅଡିଟୋରିୟମର ଚତୁର୍ପାର୍ଶ୍ୱରେ ଦୀର୍ଘ ଏକ କିଲୋମିଟର ପରିଧି ମଧ୍ୟରେ ବୁଲାଯାଇ ପୁଣି ଉତ୍ସବ ସ୍ଥାନକୁ ଫେରାଇ ଅଣା ଯାଇଥିଲା। ନେଦରଲ୍ୟାଣ୍ଡସର ରାଜରାସ୍ତାରେ ରାଜକୀୟ ଠାଣିରେ ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କର ରଥ ଗଡି ଚାଲିବାର ଦୃଶ୍ୟ ଅନନ୍ୟ ଓ ଅଭୁଲା ଥିଲା। ଏହି ଅବସରରେ ହେଗସ୍ଥିତ ଭାରତୀୟ ଦୂତାବାସର ଡେପୁଟି ଚିଫ୍ ମିଶନ ଶ୍ରୀ ଜିନ୍ମ ମଓମ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପାରମ୍ପାରିକ ପ୍ରଦୀପ ପ୍ରଜ୍ୱଳନ କରି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ରଥଯାତ୍ରା ଉତ୍ସବ ଉପଲକ୍ଷେ ପରିବେଷିତ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମମାନଙ୍କ ମଧ୍ୟରେ ଜଗନ୍ନାଥ ଭଜନ ଓ ଓଡ଼ିଆ ସଙ୍ଗୀତଗାୟନ, ଓଡ଼ିଶୀ ଓ ଭାରତନାଟ୍ୟମ୍ ନୃତ୍ୟ ପ୍ରଦର୍ଶନ ତଥା ଶିଶୁ କଳାକାରମାନଙ୍କ ଦ୍ୱାରା ବାଦ୍ୟ ଯନ୍ତ୍ର ପରିବେଷଣ ଆଦି ଖୁବ ମନୋରଞ୍ଜକ ଥିଲା। ଓସକାନର ସଦସ୍ୟ ମାନଙ୍କ ଦ୍ୱାରା ମଞ୍ଚସ୍ଥ ଭକ୍ତର ଭଗବାନ - ଦାସିଆ ବାଉରୀ ନାଟକରେ କଳାକାର ମାନଙ୍କର ଅଭିନୟ ଖୁବ ଜୀବନ୍ତ ଓ ନିଖୁଣ ଥିଲା ତଥା ଦର୍ଶକମାନଙ୍କୁ ଭାବବିହ୍ୱଳ କରିଦେଇଥିଲା। ଜଗନ୍ନାଥ ସଂସ୍କୃତିରେ ବଡ଼ ଠାକୁର ରାଜାପ୍ରଜା, ଧନୀଦରିଦ୍ର, ଦୁର୍ବଳ ସବଳ ନିର୍ବିଶେଷରେ ସମସ୍ତଙ୍କର ବୋଲି ଏହି ନାଟକରେ ମୁଖ୍ୟତଃ ଦର୍ଶାଯାଇଥିଲା। ପିଲାମାନଙ୍କ ପାଇଁ ଚିତ୍ରାଙ୍କନ ଏବଂ ପାରମ୍ପାରିକ ପୋଷାକ ପ୍ରତିଯୋଗିତା ଉତ୍ସବର ଅନ୍ୟତମ ଆକର୍ଷଣ ଥିଲା। ଶେଷରେ ଆଗନ୍ତୁକ ମାନଙ୍କୁ ଚାରକୋଲ କ୍ୟାଟରିଙ୍ଗ ଦ୍ୱାରା ପ୍ରସ୍ତୁତ ସ୍ୱାଦିଷ୍ଟ ଓଡ଼ିଆ ବ୍ୟଞ୍ଜନ ଯଥା ଘିଅ ଅନ୍ନ, ଡାଲମା, ବେସର, ଶାଗ, ଖଟା, ଚୁଡ଼ାଘସା, ଟଙ୍କତୋରାଣି ଓ ରସଗୋଲା ପରସା ଯାଇଥିଲା। ସମଗ୍ର ରଥଯାତ୍ରା ଉତ୍ସବ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବଙ୍କର ମାର୍ଗଦର୍ଶନରେ ସମ୍ପନ୍ନ କରାଯାଇଥିଲା। ମହୋତ୍ସବକୁ ସୂଚାରୁ ରୂପେ ଆୟୋଜନ ଏବଂ ସଫଳତାର ସହିତ ସମାପନ କରିବାରେ ଓସକାନର ସୁଦକ୍ଷ ସଂଗଠକବୃନ୍ଦ ଯଥା ସଭାପତି ଶାଶ୍ୱତ ପାଢ଼ୀ, ସଦସ୍ୟଗଣ ସୁଶିଲ ଦାସ ମହାପାତ୍ର, ଅଂଶୁମାନ ମିଶ୍ର, ପରିତୋଷ ମହାପାତ୍ର, ନୀଳମାଧବ ମିଶ୍ର, ସୋମନାଥ ଲେଙ୍କା, ଲୋପାମୁଦ୍ରା ନାୟକ, ଦୀପକ ପରିଡ଼ା, ଦେବଦତ୍ତ ଦାସ, ଅରବିନ୍ଦ ଘଡାଇ ଏବଂ ଶୁଭେନ୍ଦୁ ଆଚାର୍ଯ୍ୟ ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଚଳିତବର୍ଷର ପ୍ରଥମ ରଥଯାତ୍ରାକୁ ଆୟୋଜନ କରିବାରେ ଏ.ଏ.ଓ.ଏନ୍. ଏକ୍ସ.ଟି, ନୋବେଲ ମୋର୍ଟଗେଜେସ, ଗୀକ୍ ସଫ୍ଟ କନସଲଟିଙ୍ଗ, ପ୍ରିଲକ କନସଲଟିଙ୍ଗ, ଇଟିଆ କନସଲଟିଙ୍ଗ ଓ ଇନୋଭରେନ୍ ଆଇଟି ପ୍ରମୁଖ ସଂସ୍ଥା ସକ୍ରୀୟ ସହଯୋଗ ପ୍ରଦାନ କରିଥିଲେ।

# ବିଶାଖାପାଟଣା ଜଗନ୍ନାଥ ମନ୍ଦିରରେ ବାହୁଡ଼ା ଯାତ୍ରା

ବିଶାଖାପାଟଣା : ବିଶାଖାପାଟଣାଠାରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ପବିତ୍ର ବାହୁଡ଼ା ଯାତ୍ରା ପ୍ରବଳ ଆନନ୍ଦ, ଉତ୍ସାହ, ଉଲ୍ଲାସ ଓ ଉଦ୍ଦୀପନା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଲସନସ ବେ କଲୋନୀସ୍ଥିତ ଶ୍ରୀ ଗୁଣ୍ଡିଚା ମନ୍ଦିରର ଆଡ଼ପ ମଣ୍ଡପ ଉପରେ ବିରାଜମାନ ଚତୁର୍ଦ୍ଧା ମୂର୍ତ୍ତିଙ୍କର ସାମ୍ନାରେ ସକାଳେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସମ୍ପନ୍ନ କରାଯାଇଥିଲା। ଦିନ ୪ ଟା ବେଳେ ଚାରି ଠାକୁରଙ୍କୁ ବାଦ୍ୟ, କୀର୍ତ୍ତନର ତାଳେ ତାଳେ ଧାଡ଼ି ପହଣ୍ଡି କରାଯାଇ ମନ୍ଦିର ସମ୍ମୁଖରେ ଦଣ୍ଡାୟମାନ ସୁନ୍ଦର, ସୁଶୋଭିତ ଓ ରଙ୍ଗବେରଙ୍ଗ କପଡ଼ାରେ ସୁସଜ୍ଜିତ ରଥ ଉପରକୁ ନିଆଯାଇଥିଲା। ଏହାପରେ ମନ୍ଦିର ପରିଚାଳନା କମିଟି ଉତ୍କଳ ସାଂସ୍କୃତିକ ସମାଜର ସଭାପତି ଏବଂ ବିଶିଷ୍ଟ ସମାଜସେବୀ ଜୀତେନ୍ଦ୍ର କୁମାର ନାୟକ ପାରମ୍ପରିକ ଛେରା ପହଁରା କାର୍ଯ୍ୟ କରିଥିଲେ। ସନ୍ଧ୍ୟା ପାଞ୍ଚଟା ବେଳେ ରଥ ଟଣାର ଶୁଭାରମ୍ଭ କରଯାଇଥିଲା। ଉପସ୍ଥିତ ପ୍ରାୟ ୪୦୦୦ ଭକ୍ତଙ୍କର ହରିବୋଲ, ହୁଳହୁଳି, ଜୟ ଜଗନ୍ନାଥ ଧ୍ୱନି ଏବଂ ଶଙ୍ଖ, ଘଣ୍ଟ, କରତାଳ, ମର୍ଦ୍ଦଳ, ଝାଞ୍ଜ ଓ ମୃଦଙ୍ଗର ଗହ ଗହ ନାଦ ତଥା ଭଜନ, କୀର୍ତ୍ତନର ମୃଦ୍ୟୁମନ୍ଦ ଆବାଜ ମଧ୍ୟରେ ବିଶାଖାପାଟଣାର ରାଜ ରାସ୍ତାରେ ରାଜକୀୟଠାଣିରେ ମହାପ୍ରଭୁଙ୍କର ରଥ ଗଡି ଗଡି ଚାଲିବାର ଦୃଶ୍ୟ ଅନନ୍ୟ ଓ ଅଭୁଲା ଥିଲା। ଉତ୍ସବର ବିଶେଷ ସାଂସ୍କୃତିକ ଆକର୍ଷଣ, କଳାହାଣ୍ଡିର କେସିଙ୍ଗାରୁ ଆସିଥିବା ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନର ଦୁଲଦୁଲି କଳାକାର ମାନଙ୍କର ଅଲୌକିକ କଳା ଚାତୂର୍ଯ୍ୟ ଓ ଅଭୂତପୂର୍ବ



ସୃଜନଶୀଳ ପ୍ରଦର୍ଶନ ଥିଲା। ପାଞ୍ଚ କିଲୋମିଟର ଦୀର୍ଘ ଫେରନ୍ତି ଯାତ୍ରା ସମୟରେ ସେମାନଙ୍କର ଘୋରଘର୍ଗର ବାଦ୍ୟ ବାଦନ ଗଗନ ପବନକୁ ପ୍ରକମ୍ପିତ କରିବା ସହିତ ଦର୍ଶକ ମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା। ରଥଟିକୁ ଶାନ୍ତି ଆଶ୍ରମ, ଭୁଡ଼ା ପାର୍କ, ଏୟୁ ଗେଟ୍, ଭୁଡ଼ା ଚିଲେଡ୍ରେନସ ଆରେନା ଏବଂ ଆକାଶବାଣୀ ବାଟ ଦେଇ ଟଣା ଯାଇ ଦଶପଲ୍ଲା ପାହଡିରେ ଥିବା ମୁଖ୍ୟ ମନ୍ଦିରକୁ ରାତି ୮ ଟା ସୁଦ୍ଧା ଅଣା ଯାଇଥିଲା। ଏଠାରେ ଋଷି ଥିବା ମହାଲକ୍ଷ୍ମୀ ପୂର୍ବରୁ ପ୍ରସ୍ତୁତ ଥାଇ ବଡ଼ ଠାକୁରଙ୍କ ମନ୍ଦିର ପ୍ରବେଶକୁ ରୋକି ଥିଲେ। କାରଣ ତାଙ୍କୁ ରଥଯାତ୍ରାରେ ସାମିଲ କରାଯାଇନଥିଲା। ଶ୍ରୀ ଜଗନ୍ନାଥ ଅବିଳମ୍ବେ ସୁସ୍ୱାଦୁ ରସଗୋଲା ପ୍ରଦାନ କରି ମାଆଙ୍କର ମାନଭଞ୍ଜନ କରିଥିଲେ। ମନ୍ଦିର ପ୍ରାଙ୍ଗଣରେ ଏହି ଉପାଖ୍ୟାନର ନାଟକୀୟ ରୂପକରଣ ମଞ୍ଚସ୍ଥ କରଯାଇଥିଲା। ଏହା ପରେ ଦିଅଁ ମାନଙ୍କୁ ରୋଷଣୀ କରାଯାଇ ରଥ ଉପରୁ ମୁଖ୍ୟ ମନ୍ଦିରକୁ ନିଆଯାଇ ରତ୍ନ ସିଂହାସନରେ ଆସୀନ କରାଯାଇଥିଲା। ଚଳିତ ବର୍ଷର ଉତ୍ସବ ଆୟୋଜନରେ ସ୍ଥାନୀୟ ମାରୱାଡି ଯୁବ ମଞ୍ଚ ଏବଂ ଗୁରୁଦ୍ୱାର ସାଧୁ ସଙ୍ଗତ ସକ୍ରୀୟ ସହଯୋଗ କରିଥିଲେ। ବାହୁଡ଼ା ଯାତ୍ରାକୁ ସୁଚାରୁ ରୂପେ ସମ୍ପାଦନା କରିବାରେ ମନ୍ଦିର କମିଟିର ସଭାପତି ଜୀତେନ୍ଦ୍ର କୁମାର ନାୟକ, ସାଧାରଣ ସଂପାଦକ ବିମଳ କୁମାର ମହନ୍ତ, ଉପ-ସଭାପତି ଡଃ କରୁଣାକର ପାଢ଼ୀ ତଥା ସଦସ୍ୟ ବିଜୟ ମହାପାତ୍ର ଓ ରାଜେନ୍ଦ୍ର ପ୍ରସାଦ ସାହୁ ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

# ବାହୁଡା ଯାତ୍ରା : ଭକ୍ତିମୟ ହେଲା ଜିନ୍ଦଲ ନଗର ଦେବଭୂମି ପରିସର

**ଅନୁଗୋଳ, (ସୁବ୍ରତ କୁମାର ତ୍ରିପାଠୀ)** : ହଜାର ହଜାର ସଂଖ୍ୟାରେ ଜିନ୍ଦଲ ନଗର ଶ୍ରଦ୍ଧାଳୁ ଏବଂ ପାର୍ଶ୍ୱବର୍ତ୍ତୀ ଗ୍ରାମବାସୀ ମାନେ ଜିନ୍ଦଲ ନଗର ପରିସରସ୍ଥ ଗୁଣ୍ଡିଚ୍ଚ ମନ୍ଦିର ଠାରେ ଅନୁଷ୍ଠିତ ହୋଇଥିବା ବାହୁଡା ଯାତ୍ରାରେ ସାମିଲ ହୋଇଥିଲେ । ଏହି ଅବସରରେ ତିନି ରଥ ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ, ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ଏବଂ ବିଶ୍ୱ ନିୟନ୍ତା ପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ପ୍ରଭୁଙ୍କ ବାହୁଡା ଯାତ୍ରା ନିମନ୍ତେ ଜିନ୍ଦଲ ନଗର ମଧ୍ୟରେ ଅବସ୍ଥିତ ଥିବା ଗୁଣ୍ଡିଚ୍ଚ ମନ୍ଦିରଠାରୁ ଦେବଭୂମି ସ୍ଥିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର ଅଭିମୁଖେ ବାହାରି ଥିଲେ ।

ମନ୍ଦିରର ଆଦ୍ୟ ସେବକ ଏବଂ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ସମ୍ପୂର୍ଣ୍ଣ ପରିବାର ଏହି ବାହୁଡା ଯାତ୍ରାରେ ଯୋଗଦେବା ସହ ପହଣ୍ଡି ସେବା ଏବଂ ଛେରାପହଁରା ନୀତି ସଂପନ୍ନ କରିଥିଲେ । ନବୀନ ଜିନ୍ଦଲଙ୍କ ମାତା ଏବଂ ଓପି ଜିନ୍ଦଲ ଗ୍ରୁପର ଚେୟାରପର୍ଶନ ଏମିରେଟ୍ସ ଶ୍ରୀମତୀ ସାବିତ୍ରୀ ଜିନ୍ଦଲ, ଜେଏସପି ଫାଉଣ୍ଡେସନ ଅଧ୍ୟକ୍ଷ ଶ୍ରୀମତୀ ଶାଲୁ ଜିନ୍ଦଲ, ଓସୱାଲ ଗ୍ରୁପ ଅଫ ଇଣ୍ଡଷ୍ଟ୍ରିଜ ଅଧ୍ୟକ୍ଷା-ଶ୍ରୀମତୀ ଅରୁଣା ଓସୱାଲ, ଶ୍ରୀମାନ ଭେଙ୍କଟେସ ଜିନ୍ଦଲ, ସୁଶ୍ରୀ ଯଶସ୍ୱିନୀ ଜିନ୍ଦଲ ପ୍ରମୁଖ ସାମିଲ ହୋଇଥିଲେ । ପୁରୀ ମନ୍ଦିରର ବୈଦିକ ନୀତି ଅନୁସାରେ ପାଳନ କରାଯାଇଥିବା ଏହି ପବିତ୍ର କାର୍ଯ୍ୟକ୍ରମଟି ପ୍ରାତଃ ୫.୦୦ ଘଟିକାରୁ ପୁରୋହିତଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ପୂଜା ନୀତି ଯଥା, ମଣିମା ଡାକ, ଦ୍ୱାର ଫିଟା, ଭିତର ସୋଧ ନୀତି ପରେ ମଙ୍ଗଳ ଆରତୀ, ମଇଲମ, ତଡପଲାଗି, ଅବକାଶ ନୀତି, ଇତ୍ୟାଦି ସହିତ ଆରମ୍ଭ କରାଯାଇଥିଲା । ଜେଏସପି ଫାଉଣ୍ଡେସନ ଅଧ୍ୟକ୍ଷ ଶ୍ରୀମତୀ ଶାଲୁ ଜିନ୍ଦଲ ପ୍ରାତଃ କାଳରେ ଗୁଣ୍ଡିଚ୍ଚ ମନ୍ଦିରରେ ଅନୁଷ୍ଠିତ ହୋଇଥିବା ସକାଳର ମଙ୍ଗଳ ଆଳତୀ ସହ



ସ୍ୱତନ୍ତ୍ର ପୂଜା ବିଧିରେ ସାମିଲ ହୋଇ ସଂପୂର୍ଣ୍ଣ ଶ୍ରଦ୍ଧା ଏବଂ ଭକ୍ତିର ସହ ମନ୍ଦିରର ମୁଖ୍ୟ ପୁରୋହିତ ଶ୍ରୀକାନ୍ତ ଜୀଙ୍କ ପରାମର୍ଶ ଅନୁସାରେ ପୂଜା କାର୍ଯ୍ୟ ସଂପନ୍ନ କରିଥିଲେ କ୍ଷ

ଏହି ବାହୁଡା ଯାତ୍ରା ଅବସରରେ ପାର୍ଶ୍ୱବର୍ତ୍ତୀ ଗ୍ରାମାଞ୍ଚଳରୁ ବହୁଳ ସଂଖ୍ୟାରେ ଜନ ସମାଗମ ହୋଇଥିଲା । ସ୍ଥାନୀୟ ଛେଣ୍ଡିପଦା ତଥା ଅନୁଗୋଳ ଜିଲ୍ଲାର କୋଣ ଅନୁକୋଣରୁ ବହୁଳ ସଂଖ୍ୟାରେ ଭକ୍ତ ଯୋଗଦାନ କରି ପବିତ୍ର ରଥ ଟାଣିବାର ସୌଭାଗ୍ୟ ପ୍ରାପ୍ତ କରିଥିଲେ । ରଥ ଯାତ୍ରା ଭଳି ବାହୁଡା ଯାତ୍ରାକୁ ଶ୍ରଦ୍ଧାଳୁଙ୍କ ନିକଟରେ ପହଞ୍ଚାଇବା ନିମନ୍ତେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ପକ୍ଷରୁ ଫେସବୁକ ଏବଂ ୟୁଟ୍ୟୁବ ଜରିଆରେ ଏହାର ସିଧା ପ୍ରସାରଣର ବ୍ୟବସ୍ଥା କରାଯାଇଥିଲା, ଯାହାକୁ ବହୁଳ ଭାବେ ଶ୍ରଦ୍ଧାଳୁମାନେ ଦେଖିବାର ସୌଭାଗ୍ୟ ପ୍ରାପ୍ତ କରିଥିଲେ । ବର୍ତ୍ତମାନ ଠାକୁରମାନେ ନୀତି ମୁତାବକ ଆଗାମୀ ଦୁଇ ଦିନ ପାଇଁ ରଥାରୂଢ ହୋଇ ରହିବେ କ୍ଷଗୁରୁବାର ଦିନ ହରିହରିଶୟନ ଏକାଦଶୀ ଏବଂ ସୁନାବେଶ ପାଳନ କରିବା ସହ ଶୁକ୍ରବାର ଦିନ ଅଧରପଣା ନୀତି ପରେ ବହୁ ପ୍ରତୀକ୍ଷିତ ନୀଳାଦ୍ରି ବିଜେ ଆଗାମୀ ଶନିବାର ଦିନ ଅର୍ଥାତ ଜୁଲାଇ ମାସ ୧ ତାରିଖରେ ସଂପନ୍ନ ହୋଇଛି ।

ଏହି ପବିତ୍ର ଦିବସ ଅବସରରେ,ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ପକ୍ଷରୁ ଫେସବୁକ ଏବଂ ୟୁଟ୍ୟୁବ ଜରିଆରେ ସୁନାବେଶର ସିଧାପ୍ରସାରଣ ଜୁନ ୨୯ ତାରିଖ ଅପରାହ୍ନ ୪.୦୦ ଘଟିକାରେ କରାଯିବ କ୍ଷ ଶ୍ରଦ୍ଧାଳୁ ମାନେ ଏହାର ସିଧାପ୍ରସାରଣ ଏହି ଲିଙ୍କ https://www.youtube.com/live/q2QxBIcwu2s ମାଧ୍ୟମରେ ଦେଖି ପାରିବେ। ଏହି ଅବସରରେ ପୁରୀଠାରେ ଜେଏସପି ଫାଉଣ୍ଡେସନ ପକ୍ଷରୁ ନିଃଶୁଳ୍କ ରନ୍ଧା ଖାଦ୍ୟ ସେବା ଶ୍ରଦ୍ଧାଳୁଙ୍କ ନିମନ୍ତେ ଗତ ୧୯ ଜୁନ ତାରିଖରୁ ଆରମ୍ଭ ହୋଇଥିଲା ଏବଂ ବର୍ତମାନ ସୁଦ୍ଧା ଜେଏସପି ଫାଉଣ୍ଡେସନ ପକ୍ଷରୁ ୯.୪ ଲକ୍ଷ ଶ୍ରଦ୍ଧାଳୁଙ୍କୁଏହି ସେବା ଯୋଗାଇ ଦିଆଯାଇଅଛି ।

# ବିଗୁଡୁଛି ଜୈବ ବିବିଧତା

## ହ୍ରାସ ପାଉଛି ମତ୍ସ୍ୟ ସମ୍ପଦ, ଜୀବିକା ହରାଉଛନ୍ତି ମତ୍ସ୍ୟଜୀବୀ

**କାକଟପୁର, (ମାନସ ଦୀକ୍ଷିତ) :** ନଦୀ ଓ ସମୁଦ୍ରର ଜଳ ପ୍ରଦୂଷଣ । ଅବିଚାରିତ ଭାବେ ମାଫିଆମାନଙ୍କ ଦ୍ୱାରା ମାଛ ଡିମ୍ବ ଓ ଜାଆଁଳ ଚୋରା ଚାଲାଣ ଏବଂ ଜୈବ ବିବିଧତାରେ ପରିବର୍ତ୍ତନ ଯୋଗୁଁ ମତ୍ସ୍ୟ ସମ୍ପଦ କ୍ଷୀପ୍ର ଗତିରେ ହ୍ରାସ ପାଇବାରେ ଲାଗିଛି । ଫଳରେ ମତ୍ସ୍ୟ ଶିଳ୍ପ ସହିତ ଜଡିତ ହଜାର ହଜାର ପାରମ୍ପରିକ ଓ ଅଣପାରମ୍ପରିକ ମତ୍ସ୍ୟଜୀବୀ ନିଜ କୌଳିକ ବୃତ୍ତି ଛାଡି ଅନ୍ୟାନ୍ୟ ବେଉସା ପଛରେ ଧାଇଁବାକୁ ବାଧ ହେଉଛନ୍ତି । ୨୦ବର୍ଷ ପୂର୍ବେ ନଦୀ ଓ ସମୁଦ୍ରରୁ ପାରମ୍ପରିକ ଓ ଅଣପାରମ୍ପରିକ ମତ୍ସ୍ୟଜୀବୀଙ୍କୁ ମାଛ ମାରିବା ଲାଗି କୌଣସି ଅତ୍ୟାଧୁନିକ ସାଧନ ଉପଲବ୍ଧ ହେଉନଥିଲା । ସେମାନେ ପାରମ୍ପରିକ ଉପାୟରେ ମତ୍ସ୍ୟ ଉତ୍ସଗୁଡିକରୁ ପର୍ଯ୍ୟାପ୍ତ ପରିମାଣର ମାଛ ମାରି ସେମାନଙ୍କୁ ଗୁଜୁରାଣ ମେଣ୍ଟାଇ ଆସୁଥିଲେ । କିନ୍ତୁ ପରିବର୍ତ୍ତିତ ପରିସ୍ଥିତିରେ ଉନ୍ନତ ଧରଣର ଜାଲ, ଅତ୍ୟାଧୁନିକ ମାଛଧରା ବୋଟ ଓ ଡଙ୍ଗା ମାଛ ମାରିବା ପାଇଁ ବ୍ୟବହାର କରୁଥିଲେ ମଧ ଏବେ ସେମାନଙ୍କ ପେଟ ପୁରୁନାହିଁ । ପୁରୀ ଜିଲ୍ଲା ଉପକୂଳବର୍ତ୍ତୀ ଅସ୍ତରଙ୍ଗ ବ୍ଲକ ସମେତ ସମଗ୍ର ଜିଲ୍ଲାରେ ଲକ୍ଷାଧିକ ମତ୍ସ୍ୟଜୀବୀ ଏଥିଲାଗି ଏବେ ସଙ୍କଟର ସମ୍ମୁଖୀନ ହେଉଛନ୍ତି । ପାରାଦୀପ ବନ୍ଦରର ଶିଳ୍ପାଞ୍ଚଳରୁ ନିର୍ଗତ ବିଷାକ୍ତ ରାସାୟନିକ ବର୍ଜ୍ୟବସ୍ତୁ ସମୁଦ୍ରରେ ମିଶୁଛି । ସେହିପରି ସମୁଦ୍ର ଉପକୂଳରେ ଚିଙ୍ଗୁଡି ରପ୍ତାନିକାରୀ ପ୍ରୋତ୍ସାହନରେ ନିର୍ମାଣ କରାଯାଇଥିବା ହଜାର ହଜାର ଏକର ଚିଙ୍ଗୁଡି ଘେରିରୁ ନିଷ୍କାସିତ ରାସାୟନିକ ପ୍ରଦୂଷିତ ଜଳ ସମୁଦ୍ର ଓ ନଦୀ ସମେତ ଶାଖା ନଦୀଗୁଡିକରେ ମିଶୁଛି । ଫଳରେ ସମୁଦ୍ର କୂଳଠାରୁ ୧କିଲୋମିଟର ସମୁଦ୍ର ଅଞ୍ଚଳରେ ମତ୍ସ୍ୟ ବଂଶ ବୃଦ୍ଧି ପାଇଁ ପ୍ରତିବନ୍ଧକ ସୃଷ୍ଟି ହେଉଛି । ଏଥି ସହିତ ଜାଆଁଳ ମାଫିଆମାନେ ଅତ୍ୟାଧୁନିକ ଜାଲ ବ୍ୟବହାର କରି ଦୁର୍ଲଭ ଚିଙ୍ଗୁଡି, ଖଇଙ୍ଗା, ଭେକ୍ଟି, ଇଲିସି, ଡାହାଙ୍ଗିରି, କଣ୍ଟିଆ ସାର୍ ପ୍ରଭୃତିର ପ୍ରଜାତିର ମାଛ ଜାଆଁଳ ଓ ଡିମ୍ବ ସଂଗ୍ରହ କରି ରାଜ୍ୟ ତଥା ରାଜ୍ୟ ବାହାରକୁ ଚାଲାଣ କରୁଛନ୍ତି । ବର୍ଷ ତମାମ ଜାଆଁଳ ଛଣାଯିବା ଯୋଗୁଁ ମତ୍ସ୍ୟ ସମ୍ପଦ ଏକ ପ୍ରକାର ଲୋପ ପାଇବାକୁ ବସିଲାଣି । ମାଛ ବଂଶ ବୃଦ୍ଧି ପାଇଁ ରାଜ୍ୟ ସରକାର ପ୍ରତିବର୍ଷ ମଇ ମାସ ୧୫ ତାରିଖରୁ ଜୁଲାଇ ମାସ ଶେଷ ପର୍ଯ୍ୟନ୍ତ ସାମୁଦ୍ରିକ ମାଛଧରା ଉପରେ କଟକଣା ଜାରି କରିଥିଲେ ମଧ ତାହା ଫଳପ୍ରଦ ହୋଇପାରୁନାହିଁ । ଏ ସଂପର୍କରେ ରାଜ୍ୟ ପାରମ୍ପାରିକ ମତ୍ସ୍ୟଜୀବୀ ସଂଘ ସଭାପତି ପ୍ରସନ୍ନ ବେହେରା କୁହନ୍ତି, ସରକାର ମତ୍ସ୍ୟଜୀବୀଙ୍କ ଜୀବନ ଓ ଜୀବିକା ସୁନିଶ୍ଚିତ କରିବା ପ୍ରତି ଯତ୍ନବାନ ହେବା ସହ ସେମାନଙ୍କ ଅର୍ଥନୈତିକ ଅଭିବୃଦ୍ଧି ଉପରେ ଗୁରୁତ୍ୱାରୋପ କରିବା ସମୟ ଉପନୀତ ହୋଇଛି ।



## ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମାଲକାନଗିରି ଜିଲ୍ଲା ପ୍ରଥମ



**ମାଲକାନଗିରି, (ସତ୍ୟନାରାୟଣ ଦାଶ) :** ଯୋଜନା ଓ ସଂଯୋଜନା ବିଭାଗରେ ନିଜର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମାଲକାନଗିରି ଜିଲ୍ଲା ରାଜ୍ୟରେ ପ୍ରଥମ ସ୍ଥାନ ହାସଲ କରି ପୁରସ୍କୃତ ହୋଇଛି । ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଜାତୀୟ ପରିସଂଖ୍ୟାନ ଦିବସ ପାଳନ ଅବସରରେ ଯୋଜନା ଓ ସଂଯୋଜନା ବିଭାଗ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ଏବଂ ଉନ୍ନୟନ କମିଶନର ଅନୁ ଗର୍ଗ ଉପସ୍ଥିତ ରହି ମାଲକାନଗିରି ଜିଲ୍ଲାକୁ ଏହି ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ ମାଲକାନଗିରି ଜିଲ୍ଲା ଯୋଜନା ଓ ସଂଯୋଜନା ବିଭାଗ ଉପନିର୍ଦ୍ଦେଶକ ଗୋଲକ ଚନ୍ଦ୍ର ଦଳେଇ ସେଠାରେ ଉପସ୍ଥିତ ରହି ପୁରସ୍କାର ଗ୍ରହଣ କରିଥିଲେ । ତେବେ ଜିଲ୍ଲା ପ୍ରଶାସନର ଉତ୍ତମ କାର୍ଯ୍ୟଦକ୍ଷତା ପାଇଁ ଏହି ପୁରସ୍କାର ମିଳିଥିବା ବେଳେ ଏହା ଜିଲ୍ଲା ପାଇଁ ଏକ ଗୌରବର ବିଷୟ ବୋଲି ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି ।

## ମାଓ ବିସ୍ଫୋରକ ସାମଗ୍ରୀ ଜବତ

ମାଲକାନଗିରି ଜିଲ୍ଲା ପୋଲିସ୍‌କୁ ମିଳିଛି ବଡ ସଫଳତା । ସ୍ୱାଭିମାନ ଅଞ୍ଚଳର ଡବୁଗୁଡା ଜଙ୍ଗଲରେ ବିଏସଏଫ ଓ ଜିଲ୍ଲା ପୋଲିସ୍‌ର ସୁରକ୍ଷା କର୍ମୀଙ୍କ ଅପରେସନ ବେଳେ ବିପୁଳ ପରିମାଣର ମାଓ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି । ଜନ୍ତ୍ରୀ ପଞ୍ଚାୟତ, ଡାବୁଗୁଡା ଗ୍ରାମ ନିକଟ ଜଙ୍ଗଲର



ଏକ ଗୁମ୍ଫା ଭିତରେ ବିପୁଳ ପରିମାଣର ମାଓ ବିସ୍ଫୋରକ ସାମଗ୍ରୀ ଏବଂ ବନ୍ଧୁକ ଲୁଚେଇ ରଖିଥିଲେ ମାଓବାଦୀ । ଏହି ବିଷୟରେ ଏକ ପ୍ରେସ୍ ନୋଟ୍ ଦ୍ୱାରା ସୂଚନା ଦେଇଛନ୍ତି ମାଲକାନଗିରି ଏସ୍‌ପି ନୀତିଶ ୱାଦୱାନି । ଅପରେସନ ବେଳେ ଘଟଣାସ୍ଥଳରୁ ଦୁଇଟି ବନ୍ଧୁକ, ଜୀବନ୍ତ ଗୁଳି, କେଡେକ୍ସ ୱାଇର, ଆଇଇଡି, ଟିଫିନ ବମ, ମାଓ କୀଟ ବ୍ୟାଗ ଏବଂ ମାଓ ପୁସ୍ତିକା ଜବତ କରିଛି ପୋଲିସ୍ । ପୋଲିସ୍‌କୁ ଟାର୍ଗେଟ କରିବା ପାଇଁ ଏକ ବଡ ଯୋଜନା କରୁଥିଲେ ମାଓବାଦୀ । ଆନ୍ଧ୍ର ଓଡ଼ିଶା ବୋର୍ଡର ଡିଭିଜନ ମାଓ ସଙ୍ଗଠନ ପକ୍ଷରୁ ଏହି ବିସ୍ଫୋରକ ସାମଗ୍ରୀ ଲୁଚାଇ ରଖିଥିବା ଜଣାପଡିଛି । ମାଓ ଦମନ ନେଇ ପୋଲିସ୍ ପକ୍ଷରୁ ଅପରେସନ ଜୋରଦାର କରାଯାଇଛି ।

## ଦୀର୍ଘ ଦିନପରେ ପୁଣି ମାଓତାଣ୍ଡବ, ଜାଳିଦେଲେ ୯ଟି ଗାଡି

ରାୟଗଡା, (ସ୍ୱର୍ଣ୍ଣଲତା ସାହୁ) : ଜିଲ୍ଲାର ମୁନିଗୁଡା ଦେଓକୁପୁଲି କର୍ସର ଛକଠାରେ ଦୀର୍ଘ ଦିନର ନୀରବତା ପରେ ପୁଣି ମାତିଲେ ମାଓବାଦୀୟ ପୋଡ଼ାଜଳା ଓ ଲଙ୍କାକାଣ୍ଡ ଘଟାଇ ନିଜର ଉପସ୍ଥିତି ଜାହିର କରିଛନ୍ତି। ମୁନିଗୁଡା ଥାନା ଅନ୍ତର୍ଗତ ଦେଓକୁପୁଲି ଛକ ନିକଟରେ ଥିବା କ୍ରସରରେ ଘଟାଇଛନ୍ତି ଲାଲ ତାଣ୍ଡବ । ଗତକାଲି ରାତିରେ କ୍ରସରରେ ଥିବା ଦୁଇଟି ପ୍ରୋକ୍ଲିନ, ପାଞ୍ଚଟି ହାଇବା ଓ ଦୁଇଟି ଲୋଡର



ମିଶାଇ ମୋଟ ୯ ଟି ଗାଡି ଓ ମେସିନ ପୋଡ଼ିଦେଇଛନ୍ତି ମାଓବାଦୀ । ସୂଚନା ଅନୁଯାୟୀ, ଗତ ରାତିରେ କିଛି ମହିଳା ସମେତ ୨୫ ରୁ ଉର୍ଦ୍ଧ୍ୱ ସଶସ୍ତ୍ର ମାଓବାଦୀ ଆସି ପହଞ୍ଚିଥିଲେ ଦେଓକୁପୁଲି ଗାଁ ନିକଟରେ ଥିବା କ୍ରସରରେ । ପ୍ରଥମେ ୫ ଜଣ ମାଓବାଦୀ ସିକୁରିଟି ଗାର୍ଡ ସମେତ ଅନ୍ୟ କର୍ମଚାରୀଙ୍କୁ ଗେଟ ପାଖରେ ରଖି ସେମାନଙ୍କଠାରୁ ମୋବାଇଲ ନେଇଯିବା ପରେ ଅନ୍ୟ ମାଓବାଦୀ ମାନେ କ୍ରସରରେ ଥିବା ମେସିନ ଗୁଡିକୁ ନିଆଁ ଲଗାଇଦେଇଥିଲେ ଓ ଯିବା ସମୟରେ ପୋଷ୍ଟର ଛାଡି ଯାଇଛନ୍ତି । କ୍ରସର ଦ୍ୱାରା ପରିବେଶ ପ୍ରଦୂଷଣ ସହ ଋଷ କ୍ଷତି, ଭାରିଯାନ ଯାତାୟତ ଯୋଗୁଁ ରାସ୍ତା ନଷ୍ଟ, ପଥର ବ୍ଲାଷ୍ଟିଂ ଯୋଗୁଁ ପିଲାଙ୍କ ଶ୍ରବଣ ଶକ୍ତି ନଷ୍ଟ ହେଉଥିବା ପୋଷ୍ଟରରେ ଉଲ୍ଲେଖ ରହିଛି । ଏହା ବଂଶଧାରା- ଘୁମୁସର - ନଗାବଳୀ(ବାଘୁନା) ଡିଭିଜନ ତରଫରୁ କରାଯାଇଥିବା ପୋଷ୍ଟରରେ ଉଲ୍ଲେଖ ରହିଛି । ଖବର ପାଇ ମୁନିଗୁଡା ପୋଲିସ ଓ ସିଆରପିଏଫ ଯବାନ ପହଂଚି ପୋଷ୍ଟର ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି । ତେବେ ମାଓବାଦୀଙ୍କ ଏହି ଲଙ୍କାକାଣ୍ଡ ପରେ ସମଗ୍ର ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି।

## ‘ପରିବେଶ ସନ୍ତୁଳନର ଏକ ମାତ୍ର ପନ୍ଥା ସବୁଜ ବନାନୀ’

**କୋରାପୁଟ, (ସନ୍ତୋଷ କୁମାର ପୋଲାଇ) :** ସେମିଳିଗୁଡା ବାର ସଂଘ ଦ୍ୱାରା ସବୁଜ ବନାନୀ କରଣକୁ ନେଇ ବିଦ୍ୟାଳୟ ପରିସର ମଧ୍ୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଥିଲା । ଏହି ଅବସରରେ ବନ ବିଭାଗର ମଣ୍ଡଳ ଅଧିକାରୀ, ନ୍ୟାୟାଳୟ ନ୍ୟାୟ ଅଧିକାରୀ ଓକିଲ ସଂଘର ସଭ୍ୟବୃନ୍ଦ ଓ ଉଚ୍ଚବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀ ମାନଙ୍କ ସହାୟତାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କଲରାଯାଇଥିଲା । ସାରା ରାଜ୍ୟରେ ଚଳିତ ଗ୍ରୀଷ୍ମ ଋତୁରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ନେଇ ସବୁଜି କରଣର ଅଭାବ ପରିଲକ୍ଷିତକୁ ନେଇ ସେମିଳିଗୁଡା ଓକିଲ ସଂଘର ସଭାପତିଙ୍କ ଆହ୍ୱାନକ୍ରମେ ଅଞ୍ଚଳରେ ଚାରା ରୋପଣ କାର୍ଯ୍ୟକ୍ରମ ନ୍ୟାୟାଳୟ ନିକଟରେ ଥିବା ଉଚ୍ଚବିଦ୍ୟାଳୟ ପରିସର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଚାରା ରୋପଣ ସମୟରେ ବନ ମଣ୍ଡଳ ଅଧିକାରୀ ତ୍ରିପତି ପଣ୍ଡାଙ୍କ ସହଯୋଗ ଦ୍ୱାରା ଚାରା ରୋପଣ କରିବାର ପକ୍ରିୟା ଠାରୁ ଆରମ୍ଭ କରି ଚାରା ପ୍ରଦାନ କରିଥିଲେ ଓ ବନ ବିଭାଗର କର୍ମଚାରୀ ମଧ୍ୟ ସହ ଯୋଗ କରିଥିଲେ। ଏହି ଅବସରରେ ତାଲୁକା ଅଧକ୍ଷ୍ୟ ଶୀମତି ସର୍ମିଷ୍ଠା ଜେନାଙ୍କ ସହ ଗ୍ରାମୀଣ ନ୍ୟାୟାଳୟର ଅଧିକାରୀ ମିସ୍ ରିତିକା ଗର୍ଗ ଉପସ୍ଥିତ ରହି ଚାରା ରୋପଣ କରିଥିଲେ। ଏହି ଅବସରରେ ଜିଲ୍ଲାର ସେମିଳିଗୁଡା ବ୍ଲକରୁ ଆମେରିକା ଗ୍ରସ୍ତ ଯାଇ ଫେରିଥିବା ଚେରମୂଳ ଔଷଧୀୟ ପୁରସ୍କାର ପ୍ରାପ୍ତ ଡଃ ହରି ପାଙ୍ଗିଙ୍କୁ ଓକିଲ ସଂଘ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଥିଲା। ପରବର୍ତ୍ତୀ ସମୟରେ ଓକିଲ ସଂଘ କାର୍ଯ୍ୟାଳୟ ଠାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଡଃ ହରି ପାଙ୍ଗିଙ୍କୁ ଉପସ୍ଥିତ ବିଚାରପତି ଫୁଲତୋଡା ଦେଇଥିଲେ ଓ ସଂଘର ସଭାପତି ସନ୍ତୋଷ କୁମାର ଦାଶ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ସମୟରେ ହରି ପାଙ୍ଗି ତଙ୍କର ଆମେରିକା ଗ୍ରସ୍ତକୁ ଭାରତ ମାଟି ଗୁଣାତ୍ମକ ସହ ତୁଳନା କରି ନିଜର ଅନୁଭୁତିକୁ କହିଥିଲେ। ଏହି ଅବସରରେ ବାର ସଭାପତିଙ୍କ ସହ ସହ ସଂପାଦକ ସତ୍ୟବ୍ରତ ପାଢି. ରମେଶ ଦାସ, ପିତାମ୍ବର ସାହୁ, ସୌଭାଗିନି ପରିଜା, କୋରାପୁଟ ଓକିଲ ସଂଘର କାର୍ଯ୍ୟକାରିଣି ସଭ୍ୟ ଦିଲ୍ଲିପ ମହାନ୍ତି ଓ ଅନ୍ୟ ସଭ୍ୟମାନେ ଉପସ୍ଥିତ ରହିଥିଲେ।





JUBA MORCHA
R.N.I. No. : ODIODI/2009/29612
ଜୁଲାଇ ୩ ରୁ ୯, ୨୦୨୩, ଭୁବନେଶ୍ୱର

ଯୁବମୋର୍ଚ୍ଚା
www.jubamorcha.in

ପୃଷ୍ଠା-୮
July 3 to 9, 2023, Bhubaneswar



# ସୁନାରେ ଝଲସୁଛନ୍ତି ମହାପ୍ରଭୁ

















Printed, Published and Owned by **Smt. Tilottama Nayak**, Printed at Mayur Offset Printers, D-1/1, Sector-A, Zone-D, Mancheswar Industrial Estate, Bhubaneswar- 751010, Dist- Khurda (Odisha), Published from 1502/A, Tarasundari Lane, Old Town, Bhubaneswar - 751002, **Mob- 8280086863, 9437412211, E-mail- jubamorcha@gmail.com**

**Editor : Jagannath Khuntia** | | ସମ୍ପାଦକ : ଜଗନ୍ନାଥ ଖୁଣ୍ଟିଆ